



## ଓଡ଼ିଶା ପାଇଁ କୌଣସି ବଡ଼ ପ୍ରକଳ୍ପ ନାହିଁ



ଏହି ବଜେଟ୍ ଜନକେନ୍ଦ୍ରିକ ଦୃଷ୍ଟିକୋଣ ଅପେକ୍ଷା କର୍ପୋରେଟ୍-ଚାଳିତ ପନ୍ଥାକୁ ପ୍ରତିଫଳିତ କରୁଛି। ଧନୀ ଓ ଗରିବଙ୍କ ମଧ୍ୟରେ ବ୍ୟବଧାନ ବଢୁଛି। ଦୁର୍ବଳ ବର୍ଗମାନେ ବର୍ଷବର୍ଷ ଧରି ଅବହେଳାର ଶିକାର ହେଉଛନ୍ତି। ସେମାନଙ୍କ ପାଇଁ ବଜେଟ୍‌ରେ କିଛି ନାହିଁ। ଓଡ଼ିଶା ଭଳି ରାଜ୍ୟ ପାଇଁ ଗୋଟିଏ ବି ବଡ଼ ଘୋଷଣା ହୋଇନାହିଁ। ମାତ୍ର ରାଜ୍ୟର ପ୍ରାକୃତିକ ସମ୍ପଦକୁ ଅନ୍ୟ ଅଞ୍ଚଳକୁ ପଠାଇବାକୁ ପ୍ରୋତ୍ସାହିତ କରାଯିବ ଭଳି ବ୍ୟବସ୍ଥା କରାଯାଇଛି। ତାଳଚେର ଓ ଅନୁଗୋଳକୁ ବଡ଼ବନ୍ଦର ସହ ସଂଯୋଗ କରୁଥିବା ପ୍ରସ୍ତାବିତ ଜାତୀୟ ଜଳପଥ ଖଣିଜ ପଦାର୍ଥର ଦ୍ରୁତ ନିର୍ଗମନକୁ ସୂଚିତ କରୁଛି। ଟେକ୍ସଟାଇଲ୍ ଓ ଉତ୍ପାଦନ ବୃଦ୍ଧି ପାଇଁ ଓଡ଼ିଶାରେ ଅତିକମ୍‌ରେ ଦୁଇଟି ବଡ଼ ଟେକ୍ସଟାଇଲ୍ ପାର୍କ ସ୍ଥାପନ କରି ବହୁତ ନିଯୁକ୍ତି ବୃଦ୍ଧି କରାଯାଇପାରିଥା'ନ୍ତା। କିନ୍ତୁ, ଏହି ବଜେଟ୍‌ରେ ରାଜ୍ୟକୁ କୌଣସି ବିଶେଷ ଧ୍ୟାନ ଦିଆଯାଇନାହିଁ। ରେଳବାଇ ମାଲବାହୀ ଆୟରେ ସର୍ବାଧିକ ଯୋଗଦାନକାରୀ ରାଜ୍ୟ ହୋଇଥିବା ସତ୍ତ୍ୱେ ଓଡ଼ିଶାକୁ ପ୍ରସ୍ତାବିତ ୭ଟି ଉଚ୍ଚ-ଗତି ରେଳ କରିଡର୍‌ରେ ଅବହେଳା କରାଯାଇଛି। ଓଡ଼ିଶା ନିଜର ଖଣିଜ ଦ୍ୱାରା ଦେଶକୁ ଶକ୍ତି ଯୋଗାଉଛି ଓ ଅର୍ଥନୈତିକ ବୃଦ୍ଧିରେ ଉଲ୍ଲେଖନୀୟ ଯୋଗଦାନ ଦେଉଛି।

ଶ୍ରୀକାନ୍ତ ଜେନା, ପୂର୍ବତନ କେନ୍ଦ୍ର ମନ୍ତ୍ରୀ

## ଦୀର୍ଘମିଆଦ ଯୋଜନାକୁ ଲକ୍ଷ୍ୟ କରି ବଜେଟ ପ୍ରସ୍ତୁତ



କେନ୍ଦ୍ର ସରକାର ଚଳିତ ବର୍ଷ ୫୩ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବଜେଟ ଆଣିଛନ୍ତି। ଚଳିତ ବର୍ଷର ବଜେଟ ଦୀର୍ଘମିଆଦ ଯୋଜନାକୁ ଲକ୍ଷ୍ୟ କରି ପ୍ରସ୍ତୁତ କରାଯାଇଛି। ଏବେ ଆନ୍ତର୍ଜାତିକ ସ୍ତରରେ ଅନେକ ଆହ୍ୱାନ ଆସୁଛି। ଏହି ଆହ୍ୱାନଗୁଡ଼ିକର ମୁକାବିଲା ସହ କିପରି ବିଦେଶକୁ ରପ୍ତାନୀ ଅଧିକ ହେବ ଏବଂ ଆମଦାନୀ ଉପରେ ନିର୍ଭରଶୀଳତା କମିବ, ସେ ଉପରେ ଧ୍ୟାନ ଦିଆଯାଇଛି। ସେହିପରି ଦେଶର ଆଭ୍ୟନ୍ତରୀଣ ବଜାର କିପରି ସିଦୃଢ଼ୀକରଣ ହୋଇପାରିବ, ସେଉପରେ ଧ୍ୟାନ ଦିଆଯାଇଛି। ତେବେ ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ଅଧିକ ବଜେଟ ପ୍ରାବଧାନ ହୋଇଥିଲେ, ତାହା ଭଲ ହୋଇଥାନ୍ତା।

ଡ. ପ୍ରଭାସ ମିଶ୍ର, ଅର୍ଥନୀତିଜ୍ଞ

## କୃଷି ଭିତ୍ତିଭୂମି ସୁଦୃଢ଼ ପାଇଁ କିଛି ନାହିଁ



ବଜେଟ୍‌ରେ ଓଡ଼ିଶାର କୃଷି ଓ କୃଷକଙ୍କର ସାମଗ୍ରିକ ବିକାଶ ଓ ଗ୍ରାମାଞ୍ଚଳର କୃଷି ଭିତ୍ତିଭୂମି ସୁଦୃଢ଼ ପରି କିଛି ନୂତନତ୍ୱ ବ୍ୟବସ୍ଥା ହୋଇନାହିଁ। ୨୦୧୭ ରେ କେନ୍ଦ୍ର ବିଜେପି ସରକାର ଚାଷୀର ଆୟ ୨୦୨୨ ସୁଦ୍ଧା ଦୁଇଗୁଣା ହୋଇଯିବ ବୋଲି କହିଥିଲେ। ଇତିମଧ୍ୟରେ ୯ ବର୍ଷ ବିତି ଯାଇଥିଲେ ମଧ୍ୟ ଚାଷୀ ପରିବାରର ମାସିକ ଆୟ ମାତ୍ର ୫୧୧୨ଟଙ୍କା ଅଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ ସରକାରଙ୍କର ବଜେଟ୍ ବ୍ୟବସ୍ଥା କେବଳ କାଗଜ କଲମରେ ସୀମାବଦ୍ଧ। ଏହା କେବଳ ପ୍ରଚାର ସର୍ବସ୍ୱ ଓ ଫମ୍ପା ଆୱାଜ।

ଅମିୟ ପଟ୍ଟନାୟକ, ଏଆଇସିସି କିଷାନ କଂଗ୍ରେସ ସଂଯୋଜକ

## ସମତୁଲ ବଜେଟ



ଚଳିତ ବଜେଟ୍‌ରେ ପ୍ରତିରକ୍ଷା କ୍ଷେତ୍ରରେ ବର୍ଦ୍ଧିତ ବ୍ୟୟ ଭାରତକୁ ବାହ୍ୟ ସୁରକ୍ଷା ଦେବା ସହ ପ୍ରତିରକ୍ଷା ସମଗ୍ରୀ ରପ୍ତାନିରେ ମଧ୍ୟ ସାହାଯ୍ୟ କରିବ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ଉପର ଯେଉଁ ଗୁରୁତ୍ୱ ଦିଆଯାଇଛି, ତାହା ଆଗାମୀ ଦିନରେ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ସାମ୍ପ୍ରତିକ ଯୁବବର୍ଗଙ୍କ କଣ୍ଟେନ୍ କ୍ରିଏସନ୍‌ରେ ଆଗ୍ରହକୁ ଅନୁଧ୍ୟାନ କରି ନିଯୁକ୍ତିରେ ରୂପାନ୍ତରଣ କରିବା ଦିଗରେ ସରକାରଙ୍କ ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଏହି ବଜେଟ୍‌ରେ ପ୍ରଥମଥର ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ମିଳିଛି। ରାଜ୍ୟର ପର୍ଯ୍ୟଟନ କ୍ଷେତ୍ର, ବୟନ ଶିଳ୍ପ, ନଡ଼ିଆ ଓ କାଜୁ ଚାଷ ଆଦି ବହୁ ଦିଗରେ ସୁବିଧା ପାଇବାକୁ ଯାଉଛି। ଓଡ଼ିଶାର ପ୍ରଯୁଜ୍ୟ ଖଣିଜ ପଦାର୍ଥକୁ ପୂର୍ଣ୍ଣ ବିନିଯୋଗ କରିବା ପାଇଁ ଏହାକୁ ବିରଳ ମୃତ୍ତିକା କରିଡର୍‌ରେ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ତେଣୁ, ଏହି ବଜେଟ୍ ଏକ ସମତୁଲ ଓ ସକାରାତ୍ମକ ବଜେଟ କହିଲେ ଅତ୍ୟୁକ୍ତି ହେବ ନାହିଁ।

ସଂଘମିତ୍ରା ମିଶ୍ର, ଅର୍ଥନୀତି ବିଭାଗ ଅଧ୍ୟାପିକା

## ବଜେଟରେ ବ୍ୟାପକ ନିଯୁକ୍ତି ସୁଯୋଗ ନାହିଁ



ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଟ୍ରମ୍ପଙ୍କ ଟାରିଫ୍ ଓ ବିଶ୍ୱ ରାଜନୈତିକକୁ ଦୃଷ୍ଟିରେ ରଖି ବଜେଟ୍‌ରେ ବ୍ୟବସ୍ଥା କରାଯିବାର ଆଶା ରହିଥିଲା। ମାତ୍ର ସେପରି କିଛି ଉତ୍ସାହଜନକ ପଦକ୍ଷେପ ନିଆଯାଇନାହିଁ। ମଧ୍ୟମ ଓ କ୍ଷୁଦ୍ରଶିଳ୍ପ କ୍ଷେତ୍ରରେ ୧୦ହଜାର କୋଟିର ବ୍ୟବସ୍ଥା ରହିଥିବା ବେଳେ କିଛି ମାତ୍ରାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ମାତ୍ର ଦେଶରେ ବଢୁଥିବା ବେକାରୀ ସମସ୍ୟାକୁ ସମାଧାନ କରିବାରେ ଏହା ନିଅଣ୍ଟ ହେବ। ସେହିପରି ମଧ୍ୟମ ବର୍ଗ ପାଇଁ ଟିକସ୍ ରିହାତି ଆଶା କରାଯାଉଥିଲେ ମଧ୍ୟ ନିରାଶ ହେବାକୁ ପଡ଼ିଛି। ବିଶେଷକରି ଓଡ଼ିଶାକୁ କୌଣସି ବୃହତ୍ ପ୍ରକଳ୍ପ ମିଳିଲା ନାହିଁ। ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ଓ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା ଆଶା ଅଧୁରା ରହିଗଲା। ଦୁର୍ଲଭ ଖଣିଜ କରିଡର୍ ନିଷ୍ପତ୍ତି ଓ ପ୍ରତି ଜିଲ୍ଲାରେ ଛାତ୍ରୀନିବାସ ପଦକ୍ଷେପ ସ୍ୱାଗତଯୋଗ୍ୟ ହୋଇଥିଲେ ମଧ୍ୟ କୃଷି କ୍ଷେତ୍ରରେ ପ୍ରୋତ୍ସାହନ ନୈରାଶ୍ୟଜନକ ରହିଛି।

ଡ. ମାନସ ବେହେରା, ବିଦେଶ ବ୍ୟାପାର ବିଶେଷଜ୍ଞ

## ଋଣ କରି ଘିଅ ଖାଇବା ଅର୍ଥନୀତି ପ୍ରଗତିର ପରିପନ୍ଥୀ



କେନ୍ଦ୍ର ବଜେଟରେ ଆସନ୍ତା ବର୍ଷ ୨୦୨୬-୨୭ ପାଇଁ ସମୁଦାୟ ଋଣ ପରିମାଣ ୧୭,୮୧,୪୬୩ କୋଟି ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ସମୁଦାୟ ପ୍ରଭାବୀ ପୁଞ୍ଜିନିବେଶ ଖର୍ଚ୍ଚ ପାଇଁ ମାତ୍ର ୧୭,୧୪,୫୨୩ କୋଟି ଟଙ୍କା ବ୍ୟବସ୍ଥା ହୋଇଛି। ଓଡ଼ିଶା ଲୋକକଥା ଅନୁସାରେ ଏହା 'ଋଣ କରି ଘିଅ ଖାଇବା'। ଋଣ କରି ଘିଅ ଖାଇବା ଅର୍ଥନୀତି ପ୍ରଗତିର ପରିପନ୍ଥୀ। ତେଣୁ କେନ୍ଦ୍ର ସରକାର ଏପରି ନୀତିକୁ ତ୍ୟାଗ କରନ୍ତୁ। ସେ କହିଛନ୍ତି ଯେ ଗୋଟିଏ ସୁସ୍ଥ ଅର୍ଥନୀତିରେ ପୁଞ୍ଜିନିବେଶ ପରିମାଣ ଋଣ ପରିମାଣଠାରୁ ଅତିକମ୍‌ରେ ଦେଶର ମୋଟ ଘରୋଇ ଉତ୍ପାଦ ବୃଦ୍ଧିହାରଠାରୁ ଅଧିକ ରହିବା ଆବଶ୍ୟକ। ଗତକାଲି ଉପସ୍ଥାପିତ ହୋଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ ଆସନ୍ତା ବର୍ଷ ପାଇଁ ମୋଟ ଘରୋଇ ଉତ୍ପାଦ ଅଭିବୃଦ୍ଧି ହାର ପ୍ରାୟ ୭ ପ୍ରତିଶତ ଧାର୍ଯ୍ୟ ହୋଇଛି। ତେଣୁ କେନ୍ଦ୍ର ବଜେଟରେ ପୁଞ୍ଜି ନିବେଶ ପରିମାଣ ଋଣ ପରିମାଣଠାରୁ ଅତି କମ୍‌ରେ ୭ ପ୍ରତିଶତ ଅଧିକ ଆଶା କରାଯାଉଥିଲା। କିନ୍ତୁ ତାହା ପ୍ରତିଫଳିତ ହୋଇନାହିଁ। ଋଣ ପରିମାଣ ପୁଞ୍ଜିନିବେଶଠାରୁ ଅଧିକ ପ୍ରସ୍ତାବ ଦେବା ଦୁର୍ଭାଗ୍ୟପୂର୍ଣ୍ଣ। କେନ୍ଦ୍ର ବଜେଟରେ ଆସନ୍ତା ବର୍ଷ ପାଇଁ ପୁଞ୍ଜିନିବେଶ ପରିମାଣ ଅତିକମ୍‌ରେ ୧୯ ଲକ୍ଷ କୋଟି ଟଙ୍କା ଦେଶ ଆବଶ୍ୟକ କରୁଥିବା ବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ବ୍ୟବସ୍ଥା କରିଛନ୍ତି ମାତ୍ର ୧୭ ଲକ୍ଷ କୋଟିଟଙ୍କା। ଅର୍ଥାତ୍ ଦେଶର ବଜେଟ୍ ନୀତି ଦରିଦ୍ରତାକୁ ପଶ୍ଚାଧାବନ କରୁଛି।

ଆନନ୍ଦ ମହାପାତ୍ର, ଅର୍ଥନୀତି ବିଶେଷଜ୍ଞ

## ଢାଞ୍ଚାଗତ ବିକାଶକୁ ପ୍ରାଥମିକତା ମିଳିଛି



ଏହି ବଜେଟ୍ ଆର୍ଥିକ ସ୍ଥିରତାକୁ ଅତୁଟ ରଖି ଢାଞ୍ଚାଗତ ବିକାଶକୁ ପ୍ରାଥମିକତା ଦେଇଛି। ଏହା ରାଜ୍ୟର ଦୀର୍ଘମିଆଦୀ ଆର୍ଥିକ ବିକାଶ ପାଇଁ ସକାରାତ୍ମକ ସଙ୍କେତ। ସଡ଼କ, ବନ୍ଦର, ସହରୀୟ ଢାଞ୍ଚା ଓ ଶିଳ୍ପ ସଂଯୋଗ ଉପରେ ନିରନ୍ତର ନିବେଶ ଓଡ଼ିଶାକୁ ଏକ ଶିଳ୍ପ ଓ ନିବେଶ ମାନଚିତ୍ରରେ ଅଧିକ ସୁଦୃଢ଼ ସ୍ଥାନ ଦେବାର ସମ୍ଭାବନା ସୃଷ୍ଟି କରୁଛି। ଅନ୍ୟପଟେ ଶିକ୍ଷିତ ଓ ପ୍ରାଯୁକ୍ତିକ ଯୁବମାନଙ୍କ ପାଇଁ ବୃହତ୍ ପରିମାଣର ସିଧାସଳଖ ରୋଜଗାର ସୃଷ୍ଟି ନିମନ୍ତେ ସ୍ପଷ୍ଟ ଓ ସମୟବଦ୍ଧ ଯୋଜନାର ଅଭାବ ରହିଛି। ସେହିପରି ସହରୀୟ ଓ ବେତନଭୋଗୀ ମଧ୍ୟବର୍ଗ ଉପରେ ବଢୁଥିବା ଆର୍ଥିକ ଚାପକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ରିଆତି ମିଳିନାହିଁ।

ଅବିନାଶ ପଟ୍ଟନାୟକ, ଆୟୋଜନ ସଚିବ, ଓଡ଼ିଶା ଚାମ୍ବର ଅଫ୍ କମର୍ସ

# କଇଁଛଙ୍କ ପାଇଁ ହେବ ସ୍ୱତନ୍ତ୍ର ପଥ

ଭୁବନେଶ୍ୱର,୧।୨(ସମିସ): କେନ୍ଦ୍ରୀୟ ବଜେଟ ୨୦୨୬-୨୭ରେ ଇକୋ ଟୁରିଜିମ୍‌କୁ ପ୍ରୋତ୍ସାହିତ ଉପରେ ଲକ୍ଷ୍ୟ ଦିଆଯାଇଛି। ଏହି କ୍ରମରେ ଓଡ଼ିଶା ଉପକୂଳକୁ ଆସୁଥିବି ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସରକାର ନିଜ ବଜେଟ୍‌ରେ ଗୁରୁତ୍ୱ ଦେଇଛନ୍ତି। ଓଡ଼ିଶା ସମେତ କର୍ଣ୍ଣାଟକ ଓ କେରଳର ଉପକୂଳବର୍ତ୍ତି ଅଞ୍ଚଳରେ ପ୍ରମୁଖ କଇଁଛ ଅଣ୍ଡାଦାନ ସ୍ଥଳୀ ହୋଇଥିବାରୁ ଏହାରର ଉନ୍ନତିକରଣ କରାଯିବ ବୋଲି ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି। ମୁଖ୍ୟତଃ ଅଣ୍ଡାଦାନ ସ୍ଥଳୀ ଗୁଡିକରେ ସ୍ୱତନ୍ତ୍ର କଇଁଛ ପଥ କରି କଇଁଛଙ୍କ ସୁରକ୍ଷା ସୁନିଶ୍ଚିତ କରାଯିବା କ୍ଷେତ୍ରରେ କାର୍ଯ୍ୟ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଘୋଷଣା କରିଛନ୍ତି।



ଏହି ପଥ ଗୁଡିକ ସ୍ଥାୟୀ ପର୍ଯ୍ୟଟନ ପଦକ୍ଷେପର ଅଂଶ ଭାବେ ରହିବ, ଯାହା ଦ୍ୱାରା ଅଲିଭରିଡଲେ କଇଁଛ ବସା ସ୍ଥାପନ ସ୍ଥାନଗୁଡିକୁ ସୁରକ୍ଷା ଦେବା ସହ ପର୍ଯ୍ୟଟକମାନଙ୍କ ପାଇଁ ପରିବେଶ ସଚେତନ ଅଭିଜ୍ଞତା ଦେବା ପାଇଁ ଡିଜାଇନ କରାଯିବ। ଅଲିଭରିଡଲେ କଇଁଛ ପାଇଁ ଓଡ଼ିଶା ଉପକୂଳର ପରିବେଶ ବେଶ ଅନୁକୂଳ। ଓଡ଼ିଶା ଉପକୂଳ ବିଶେଷ କରି କେନ୍ଦ୍ରାପଡାର ଗହୀରମଥା ବେଳାଭୂମି ଓ ଗଞ୍ଜାମର ଋଷିକୁଲ୍ୟା ମୁହାଣରେ ଅଲିଭ ରିଡ୍‌ଲେ କଇଁଛ ଗଣଅଣ୍ଡାଦାନ କରିଥାନ୍ତି। ୨୦୨୫ ମସିହାରେ ଏଠାରେ ୬.୮୨ ଲକ୍ଷ କଇଁଛ ଅଣ୍ଡାଦାନ କରିଛନ୍ତି। ନଭେମ୍ବରରୁ ମେ ମାସ ପର୍ଯ୍ୟନ୍ତ ଏହି ସ୍ଥାନରେ ଗଣଅଣ୍ଡାଦାନ ହୋଇଥାଏ। ଗହୀରମଥା ବିଶ୍ୱର ସର୍ବବୃହତ ଅଣ୍ଡା ଦେବା ସ୍ଥାନ ଭାବେ ପରିଚିତି ଲାଭ କରିଛି। ସାଧାରଣ ଭାବରେ ନଭେମ୍ବରରୁ ଜାନୁଆରୀ ମାସ ପର୍ଯ୍ୟନ୍ତ ପ୍ରାୟ ତିନି ମାସ ଧରି କଇଁଛଙ୍କ ମିଳନ ପର୍ବ ଜାରି ରହେ। ଏହା ପରେ ପାଖାପାଖି ମେ' ମାସ ପର୍ଯ୍ୟନ୍ତ ବେଳାଭୂମିରେ ଗଣଅଣ୍ଡାଦାନ ପର୍ବ ଜାରି ରହିଥାଏ। ଭିତରକନିକା ଅଭୟାରଣ୍ୟ, ପୁରୀ ଜିଲ୍ଲା ଦେବୀ ନଦୀ ମୁହାଣ, ବାଲୁଖଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ମଧ୍ୟ ପ୍ରତି ବର୍ଷ ଲକ୍ଷାଧିକ ସଂଖ୍ୟାରେ ଅଲିଭରିଡଲେ କଇଁଛ ଅଣ୍ଡା ଦେବାକୁ ଆସିଥାନ୍ତି।

## ଓଡିଶାକୁ ପୁଣି ଠକିଲେ: ଭକ୍ତ



ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଗତ କରିଥିବା ବଜେଟ ସମ୍ପୂର୍ଣ୍ଣ ଦିଗହୀନ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ରବିବାର ପିସିସି ସଭାପତି ବଜେଟ୍ ସମ୍ପର୍କରେ ପ୍ରତିକ୍ରିୟା ଦେଇ କହିଛନ୍ତି, ଏହି ବଜେଟ କୃଷକ ଯୁବକ, ଗରିବ ନିମ୍ନ ମଧ୍ୟବିତ୍ତ, ମଧ୍ୟବିତ୍ତଙ୍କ ମଧ୍ୟରୁ କାହାକୁ ଖୁସି କରିପାରିନାହିଁ। ଯୁବକ ମାନଙ୍କ ପାଇଁ କର୍ମ ନିଯୁକ୍ତିର କୌଣସି ଯୋଜନା ନାହିଁ। ପୂର୍ବ ବଜେଟ ଅନୁସାରେ ସରକାର ଏକଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିପାରି ନାହାନ୍ତି। ୨୦୨୪-୨୫ ପର୍ଯ୍ୟନ୍ତ ଦେଶ ଉପରେ ଋଣ ୧୯୦ ଲକ୍ଷ କୋଟି ହୋଇଯାଇଛି, ଯାହା ୟୁପିଏ ସମୟରେ ୫୫ ଲକ୍ଷ କୋଟି ଥିଲା। ଏଇ ୧୨ ବର୍ଷରେ ସରକାର ୧୩୫ ଲକ୍ଷ କୋଟି ଅଧିକ ଋଣ କରିସାରିଲେଣି। ଏହାସହିତ ୨୦୨୬-୨୭ ବେଳକୁ ପୁଣି ୧୭.୨ ଲକ୍ଷ କୋଟି ଋଣ କରାଯିବ। ୟୁପିଏ ସମୟରେ ଥିବା ଘରୋଇ ସଂଚୟ ୭.୪ ପ୍ରତିଶତକୁ ଖସିଆସି ୫.୩ ପ୍ରତିଶତ ହୋଇଯାଇଛି। ଶିକ୍ଷିତ ଯୁବକ ମାନଙ୍କ ବେକାରି ସମସ୍ୟା ଅତି ଉତ୍କଟ। ଶିକ୍ଷିତ ଗ୍ରାଜୁଏଟ ମାନଙ୍କ ବେକାରୀହାର ୨୬.୩ ପ୍ରତିଶତରେ ପହଁଚିଛି। ଉପାର୍ଜନ ଅସମତାରେ ଆମ ଦେଶ ବର୍ତ୍ତମାନ ଶୀର୍ଷରେ ଅଛି। ଏହାକୁ ରୋକିବା ପାଇଁ ସରକାରଙ୍କ କୋଣସି ଯୋଜନକ୍ଷ ନାହିଁ। ଓଡିଶା କେନ୍ଦ୍ର ରାଜସ୍ୱ ଆଦାୟର କୋଣସି ଭାଗ ପାଇବାର ବ୍ୟବସ୍ଥା ନାହିଁ। ବଜେଟରେ ଘୋଷଣା ହୋଇଥିବା କେନ୍ଦୁଝର, ପାରାଦ୍ୱୀପ ଆନ୍ତଃଜଳ ଗମନାଗମନ ଏକ ଧୂଆଁ ବାଣ ଛଡା କିଛି ନୁହଁ। ଇଷ୍ଟକୋଷ୍ଟ ଫ୍ରାଇଟ କରିଡର ତିଆରି ହେବାର ଯୋଜନା ଅଛି। ଏହା ବହୁତ ସୁନ୍ଦର ପଦକ୍ଷେପ। ତେବେ ସରକାର ସ୍ପଷ୍ଟ କରନ୍ତୁ ଏହା ତାଙ୍କ ବନ୍ଧୁ ଅମ୍ବାନୀ, ଅଦାନୀ, ଆଦି ଶିଳ୍ପପତିଙ୍କ ସ୍ୱାର୍ଥ ପାଇଁ ନୁହେଁ ତ? ୭ ଟି ସ୍ପିଡ୍ ରେଲ କରିଡର ଘୋଷଣା ହେଇଛି। କିନ୍ତୁ ଏଥିରେ ଓଡିଶାର ନାମ ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ଭକ୍ତ କହିଛନ୍ତି।

## ବିକଶିତ ଭାରତର ରୋଡମ୍ୟାପ: ମନମୋହନ



ଅର୍ଥମନ୍ତ୍ରୀ ନିର୍ମଳା ସିଥାରମଣଙ୍କ ଦ୍ୱାରା ୨୦୨୬-୨୦୨୭ ଆର୍ଥିକ ବର୍ଷ ପାଇଁ ଆଗତ ବଜେଟ୍‌ରେ ଚାଷୀ, ମହିଳା, ଯୁବବର୍ଗ, ବେତନଭୋଗୀ, ମଧ୍ୟବିତ, ବ୍ୟବସାୟ, ଏମ୍ଏସ୍ଏମ୍ଇ, ସ୍ୱାସ୍ଥ୍ୟ ସେବା, ନିଯୁକ୍ତି, ଶିକ୍ଷା, ପ୍ରତିରକ୍ଷା ପରି ସବୁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। ଦେଶର ପ୍ରତ୍ୟେକ କୋଣରେ ବିକାଶର ନୂତନ ଆଶାର କିରଣ ଉଜ୍ଜୀବିତ କରିଛି। ଭାରତ ଏବେ ବିଶ୍ୱର ଚତୁର୍ଥ ବୃହତମ୍ ଅର୍ଥନୀତି ପାଲଟିଥିବାବେଳେ ତୃତୀୟ ବୃହତମ ଅର୍ଥନୀତି ହେବା ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛି। ଚଳିତ ବଜେଟ ହେଉଛି ବିକଶିତ ଭାରତର ରୋଡମ୍ୟାପ ବୋଲି କହିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ।

ଶ୍ରୀ ସାମଲ କହିଛନ୍ତି ଯେ ବଜେଟରେ ବିକଶିତ ଓଡ଼ିଶା ଗଠନ ପାଇଁ ପ୍ରାଥମିକତା ଦିଆଯାଇଛି। ଜାତୀୟ ଜଳମାର୍ଗ ଯୋଜନାରେ ଆଗାମୀ ୫ ବର୍ଷରେ ୨୦ଟି ନୂତନ ଜଳପଥ ନିର୍ମାଣ କରାଯିବ ଯାହା ଓଡ଼ିଶାରୁ ଆରମ୍ଭ ହେବ। ଓଡ଼ିଶାରେ ବିରଳ ଖଣିଜ କରିଡର କରିବାକୁ ଘୋଷଣା କରାଇଛନ୍ତି। ଏହାଦ୍ୱାରା ଉତ୍ପାଦନ ବୃଦ୍ଧି ପାଇବା ସହ ରାଜ୍ୟରେ ଅଧିକ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ। ରାଜ୍ୟରେ କଇଁଛ ଅଣ୍ଡାଦାନ ସ୍ଥଳୀର ଉନ୍ନତି ହେବ। ଏହା ପରିବେଶ ସଂରକ୍ଷଣ ଓ ଇକୋ-ଟୁରିଜିମ୍‌କୁ ପ୍ରୋତ୍ସାହିତ କରିବ। ପୂର୍ବ ଭାରତରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଡିଜାଇନ୍ ପ୍ରତିଷ୍ଠା ରାଜ୍ୟର ଅଭିବୃଦ୍ଧିକୁ ଗତି ଦେବ। ଉପକୂଳବର୍ତ୍ତୀ ଅଂଚଳରେ ନଡ଼ିଆ, କାଜୁ ଚାଷ ପାଇଁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ଓଡିଶାର ଚାଷୀଙ୍କ ପାଇଁ ଖୁସି ଖବର। ଟାୟାର-୨, ଟାୟାର-୩ ସହର ପାଇଁ ବଜେଟରେ ସ୍ୱତନ୍ତ୍ର ଧ୍ୟାନ ଦେବା ଓଡିଶାର ପ୍ରମୁଖ ୭ଟି ସହର ପାଇଁ ଅର୍ଥ ମିଳିବାର ସୁଯୋଗ ସୃଷ୍ଟି କରିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଅନ୍ତସାରଶୂନ୍ୟ ବଜେଟ; ସାଧାରଣ ଓ ମଧ୍ୟବିତ୍ତ ନିରାଶ: ମାନସ



୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥାପନ କରିଥିବା ବଜେଟ ଏକ ଅନ୍ତସାରଶୂନ୍ୟ ଓ ଲକ୍ଷ୍ୟହୀନ ବଜେଟ୍। ଏଥିରେ ଦେଶର ସାଧାରଣ ମଣିଷ ଓ ଟିକସଦାତା ମଧ୍ୟବିତ୍ତବର୍ଗ ସର୍ବାଧିକ ଉପେକ୍ଷିତ। ଏଥିରେ ନିଯୁକ୍ତି ପାଇଁ ବ୍ୟବସ୍ଥା ନାହିଁ, ଦରଦାମ ହ୍ରାସ ପାଇଁ ଯୋଜନା ନାହିଁ, ଗରିବ କଲ୍ୟାଣ ପାଇଁ ନିର୍ଦ୍ଦିଷ୍ଟ ନୀତି ନାହିଁ। ବିଶେଷ କରି ଓଡ଼ିଶା ପାଇଁ ବଜେଟରେ କିଛି ନାହିଁ। କଥିତ ବିରଳ ପୃଥିବୀ କରିଡ଼ର କେବଳ ଓଡ଼ିଶାରୁ ଖଣିଜ ସମ୍ପଦ ସ୍ଥାନାନ୍ତର ପାଇଁ ଉଦ୍ଦିଷ୍ଟ। ଖଣିଜ ସାମଗ୍ରୀ ଉତ୍ତୋଳନ ଓ ପରିବହନ ଜନିତ ପ୍ରଦୂଷଣ ବ୍ୟତୀତ ଓଡ଼ିଶା ଏଥିରୁ କିଛି ପାଇବ ନାହିଁ। ଏହାବ୍ୟତୀତ ଯେଉଁ ହାଇସ୍ପିଡ୍ ରେଳ କରିଡ଼ର, କାର୍ଗୋ ଓ ୱାଟର୍ୱେ, ପର୍ଯ୍ୟଟନ, ସେମି କଣ୍ଡକ୍ଟର ବିକାଶ ଯୋଜନା ହୋଇଛି ତାହା ଦ୍ୱାରା କେବଳ ଆଗାମୀ ଦିନରେ ନିର୍ବାଚନ ହେବାକୁଥିବା ରାଜ୍ୟଗୁଡ଼ିକ ଲାଭବାନ ହୋଇ ପାରିବେ।

## ଶ୍ରମିକ, କୃଷକ, ଛାତ୍ର ସ୍ୱାର୍ଥ ବିରୋଧୀ: ଜୟନ୍ତ



ସମଗ୍ର ଦେଶ ସାମ୍ନା କରୁଥିବା ବାସ୍ତବ ଆର୍ଥିକ ସଙ୍କଟକୁ ସମ୍ମୁଖୀନ କରିବାରେ ସରକାର ଅସ୍ୱୀକାର କରିଥିବା ସୁଚାଇଛି। ଯେଉଁ ସମୟରେ ବିଶ୍ୱ ରାଜନୈତିକ ଅର୍ଥନୈତିକ ଅନିଶ୍ଚିତତା ଓ ବାଣିଜ୍ୟିକ ବାଧା ବୃଦ୍ଧି ପାଉଛି, ସେହି ସମୟରେ ଅର୍ଥମନ୍ତ୍ରୀଙ୍କ ଭାଷଣ ଭାରତୀୟ ଅର୍ଥନୀତିକୁ ସୁରକ୍ଷିତ ରଖିବା କିମ୍ବା ଜୀବିକା ସୁରକ୍ଷା କରିବା ପାଇଁ କୌଣସି ସ୍ପଷ୍ଟ ମାର୍ଗଦର୍ଶନ ଦେଇପାରିଲା ନାହିଁ। ସ୍ପଷ୍ଟତାର ସ୍ଥାନରେ ବଜେଟ୍‌ଟି ଉଦ୍ଦେଶ୍ୟପୂର୍ଣ୍ଣ ଅସ୍ପଷ୍ଟତାରେ ଭରି ରହିଛି। ମୋଟାମୋଟି ଭାବେ କହିବାକୁ ଗଲେ ଏହି ବଜେଟଟି ଜନସାଧାରଣ, ଶ୍ରମିକ, କୃଷକ, ଛାତ୍ର ସ୍ୱାର୍ଥ ବିରୋଧୀ ବୋଲି ସିପିଆଇ ରାଜ୍ୟ ସମ୍ପାଦକ ଜୟନ୍ତ ଦାସ ମତବ୍ୟକ୍ତ କରିଛନ୍ତି।

## ସମ୍ପୂର୍ଣ୍ଣ ଜନବିରୋଧୀ ବଜେଟ୍: ସିପିଏମ୍

ସଂସଦରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ପ୍ରସ୍ତୁତ ନବମ କେନ୍ଦ୍ରୀୟ ବଜେଟ୍ କିଛି ବୃହତ୍ କର୍ପୋରେଟ ସଂସ୍ଥା ଏବଂ ଅତି ଧନୀକବର୍ଗଙ୍କ ସ୍ୱାର୍ଥକୁ ପ୍ରୋତ୍ସାହନ କରୁଛି। ଏହା ଶ୍ରମିକ ଓ ସାମାଜିକ-ଅର୍ଥନୈତିକ ଭାବେ ପୀଡ଼ିତ ବର୍ଗ ସମେତ ଦେଶର ବୃହତ୍ତର ଅର୍ଥନୈତିକ ସ୍ୱାର୍ଥକୁ କ୍ଷତି ପହଞ୍ଚାଇଛି ବୋଲି ସିପିଆଇ(ଏମ୍) ରାଜ୍ୟ କମିଟି କହିଛି। ଦଳ ପକ୍ଷରୁ ବଜେଟ୍ ସମ୍ପର୍କରେ ପ୍ରେସ ଇସ୍ତାହାର ଜରିଆରେ କୁହାଯାଇଛି ଯେ, ସରକାର ଦାବି କରୁଥିବା "ଆର୍ଥିକ ଅନୁଶାସନ' ବାସ୍ତବରେ କର୍ପୋରେଟ୍ ଓ ଧନୀମାନଙ୍କୁ ବଡ଼ କର/ଟିକସ ରିହାତି ଦେବାର ଅନ୍ୟତମ ଯୋଜନା। ଏଥିପାଇଁ ଶ୍ରମିକ ଓ ସାଧାରଣ ଲୋକଙ୍କ ପାଇଁ ଆବଶ୍ୟକ ବ୍ୟୟକୁ ବାରମ୍ବାର କମାଇ ଦିଆଯାଉଛି।

୨୦୨୬-୨୭ ପାଇଁ ଆଶାକରାଯାଉଥିବା ରାଜସ୍ୱ ୨୦୨୫-୨୬ ବଜେଟ୍ ଅନୁମାନ ପରି ପ୍ରାୟ ସମାନ ରହିଛି। ଏହା ଦେଶର ଆୟର ଅଂଶ ଭାବେ ରାଜସ୍ୱରେ ବଡ଼ ହ୍ରାସ ଦେଖାଉଛି। ୨୦୨୫-୨୬ ବଜେଟ୍ ଅନୁମାନ ତୁଳନାରେ ଅନେକ ଯୋଜନାରେ ବ୍ୟୟ ବହୁତ କମ୍ ହୋଇଛି। ସାର, ଖାଦ୍ୟ ଓ ପେଟ୍ରୋଲିୟମ୍ ସବସିଡିରେ ଆହୁରି କମ୍ ପ୍ରସ୍ତାବ ରହିଛି। ଜନକଲ୍ୟାଣ ଓ ସାମାଜିକ କଲ୍ୟାଣରେ ମଧ୍ୟ ଅବହେଳା ଦେଖାଯାଉଛି। ଏହି ବଜେଟ୍ ଦେଶରେ ଧନୀ ଓ ଗରିବଙ୍କ ମଧ୍ୟରେ ଥିବା ଅସମାନତାକୁ ଆହୁରି ବଢ଼ାଇବ, ଜନତାଙ୍କ କ୍ରୟକ୍ଷମତା ହ୍ରାସ, ବେକାରୀ ବୃଦ୍ଧି ଓ ମୂଲ୍ୟବୃଦ୍ଧିକୁ ଆହୁରି ଗଭୀର କରିବ ବୋଲି ସି.ପି.ଆଇ(ଏମ୍) କହିଛି।

## ଆର୍ଥିକ ପ୍ରଗତିର ପେଣ୍ଠସ୍ଥଳୀ ହେବ ଓଡ଼ିଶା: ଧର୍ମେନ୍ଦ୍ର



ପୂର୍ବ ଭାରତର ଆର୍ଥିକ ପ୍ରଗତିର ପେଣ୍ଠସ୍ଥଳୀ ଭାବେ ଓଡ଼ିଶାକୁ ଗଢ଼ିତୋଳିବା ପାଇଁ କେନ୍ଦ୍ର ବଜେଟ୍‌ରେ ଏକ ଶକ୍ତିଶାଳୀ ବ୍ଲୁପ୍ରିଣ୍ଟ ପ୍ରଦାନ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଯୁବଶକ୍ତି-କେନ୍ଦ୍ରିକ, ଭବିଷ୍ୟତବାଦୀ, ଜନହିତକର ଏବଂ ନିଯୁକ୍ତିଭିତ୍ତିକ ବଜେଟ୍ ପାଇଁ ସେ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି ଯେ ବଜେଟ୍‌ରୁ ଗରିବ ଏବଂ ମଧ୍ୟବିତ୍ତ ପରିବାର ବିଶେଷଭାବେ ଲାଭାନ୍ୱିତ ହେବେ। ବିଶେଷ କରି ଓଡ଼ିଶା ପାଇଁ ବ୍ରାହ୍ମଣୀ ଓ ମହାନଦୀ ଦେଇ ତାଳଚେର-ଅନୁଗୋଳ ଠାରୁ ପାରାଦୀପ-ଧାମରା ପର୍ଯ୍ୟନ୍ତ ୫ ନମ୍ବର ଜାତୀୟ ଜଳପଥର ବିକାଶ ହେବ। ରାଜ୍ୟରେ ନୂତନ 'ରେୟାର ଆର୍ଥ କରିଡର'ର ପ୍ରତିଷ୍ଠା ଓଡ଼ିଶାର ଶିଳ୍ପ ଓ ଖଣିଜ ଭିତ୍ତିଭୂମିକୁ ଏକ ନୂତନ ସ୍ତରକୁ ନେବ। ପୂର୍ବୋଦୟ ରାଜ୍ୟଗୁଡ଼ିକ ପାଇଁ ଉଦ୍ଦିଷ୍ଟ 'ଇଷ୍ଟ-କୋଷ୍ଟ ଡେଭଲପମେଣ୍ଟ କରିଡର', ପୂର୍ବରେ ଦାନକୁନିରୁ ସୁରଟକୁ ସଂଯୋଗ କରୁଥିବା ନୂତନ ଫ୍ରେଟ୍ କରିଡର ଜରିଆରେ ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ଓ ବାଣିଜ୍ୟର ବ୍ୟାପକ ସୁଯୋଗ ସୃଷ୍ଟି ହେବ। ପୂର୍ବ ଭାରତରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ ପ୍ରତିଷ୍ଠା ରାଜ୍ୟର ଅଭିବୃଦ୍ଧିକୁ ଗତି ପ୍ରଦାନ କରିବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମତ୍ସ୍ୟଜୀବୀ ସଂଗଠନଗୁଡ଼ିକୁ ଷ୍ଟାର୍ଟଅପ୍ ମାଧ୍ୟମରେ ବଜାର ସହ ଯୋଡ଼ି ଉପକୂଳବର୍ତ୍ତୀ ଅଞ୍ଚଳରେ ମତ୍ସ୍ୟ ଚାଷକୁ ସୁଦୃଢ଼ କରାଯିବ। ଫଳରେ ଓଡ଼ିଶାର ଉପକୂଳ ଅଞ୍ଚଳରେ ରୋଜଗାରର ନୂଆ ସୁଯୋଗ ସୃଷ୍ଟି ହେବ। ଓଡ଼ିଶା ସମୁଦ୍ର କୂଳରେ ଭିତରକନିକା ପରି ସ୍ଥାନଗୁଡ଼ିକରେ 'ଟର୍ଟଲ ଟ୍ରେଲ୍ସ' ଭଳି ପ୍ରକଳ୍ପ ରାଜ୍ୟ ପର୍ଯ୍ୟଟନ ଶିଳ୍ପକୁ ଏକ ନୂତନ ପରିଚୟ ଦେବା ସହ ଅର୍ଥନୀତିକୁ ମଜଭୂତ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## 'ଇଣ୍ଡିଆ ଭିଜନ୍ ୨୦୪୭'କୁ ସୁଦୃଢ଼ କରୁଛି



କେନ୍ଦ୍ରୀୟ ବଜେଟ୍ ୨୦୨୬ 'ଓଡ଼ିଶା ଭିଜନ୍ ୨୦୩୬' ଏବଂ 'ଇଣ୍ଡିଆ ଭିଜନ୍ ୨୦୪୭' କୁ ଶକ୍ତିଶାଳୀ ଭାବରେ ସୁଦୃଢ଼ କରୁଛି। ଜାତୀୟ ଜଳପଥ-୫ ଏବଂ ଏନ୍.ଡବ୍ଲୁ-୬୪ର ୧୨,୨୦୦ କୋଟି ଟଙ୍କାର ରୂପାନ୍ତରଣ ପ୍ରକ୍ରିୟା ଅନୁଗୋଳ-ତାଳଚେରକୁ କଳିଙ୍ଗନଗର,ପାରାଦୀପ ଏବଂ ଧାମରା ସହିତ ଯୋଡ଼ିବ, ଯାହା ପରିବହନ ଖର୍ଚ୍ଚକୁ ୩୦% ପର୍ଯ୍ୟନ୍ତ ହ୍ରାସ କରିବ ଏବଂ ଶିଳ୍ପ, ଏମ୍ଏସ୍ଏମ୍ଇ ଏବଂ ଚାଷୀଙ୍କ ପାଇଁ ଗ୍ରୀନ୍ କାର୍ଗୋ କରିଡର ସୃଷ୍ଟି କରିବ। ଏହି ବଜେଟ୍ ସରକାର, ଉଦ୍ୟୋଗୀ, ଶ୍ରମିକ, ଶିକ୍ଷାବିତ୍, ଷ୍ଟାର୍ଟଅପ୍, ବନ୍ଦର ଏବଂ ସମୁଦାୟକୁ ଏଆଇ- ସକ୍ଷମ ଉତ୍ପାଦନ, ସୁଦୃଢ଼ ଭିତ୍ତିଭୂମି ଏବଂ ଅନ୍ତର୍ଭୁକ୍ତ ଜୀବିକା ଗଠନ ପାଇଁ ଆହ୍ୱାନ ଦେଉଛି - ଯାହା ୨୦୪୭ ସୁଦ୍ଧା ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗୀ ଏବଂ ସ୍ଥାୟୀ ଅର୍ଥନୀତି ଆଡକୁ ଆଗେଇ ନେବ।

ପଙ୍କଜ ଲୋଚନ ମହାନ୍ତି, ଅଧ୍ୟକ୍ଷ, ଆସୋଚାମ୍
ଓଡ଼ିଶା ରାଜ୍ୟ ବିକାଶ ପରିଷଦ

## ଓଡ଼ିଶାର ଛୋଟ ଉଦ୍ୟୋଗୀଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ



କେନ୍ଦ୍ର ବଜେଟରେ ଏମ୍ଏସ୍ଏମ୍ଇ ଓ ଏସ୍ଏମ୍ଇ ପାଇଁ ଆର୍ଥିକ ସହାୟତା, ସହଜ ଋଣ,ଇକ୍ୱିଟି ଫଣ୍ଡ, ଇଜ୍ଅଫ୍ ଡୁଇଙ୍ଗ୍ ବିଜନେସ୍ ଭଳି ଅନେକ ଐତିହାସିକ ପଦକ୍ଷେପ ନିଆଯାଇଛି। ଏହା ଓଡ଼ିଶାର ଛୋଟ ଉଦ୍ୟୋଗୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ। ଓଡ଼ିଶାର କଳିଙ୍ଗନଗର, ଅନୁଗୁଳ, ତାଳଚେର, ପାରାଦୀପ ଭଳି ଶିଳ୍ପ ଅଞ୍ଚଳଗୁଡ଼ିକରାଜ୍ୟକୁ ଏକ ଇଣ୍ଡଷ୍ଟ୍ରିଆଲ୍ ପାୱରହାଉସ୍ କରୁଛି। ନୂଆ ରେୟାର ଆର୍ଥ କରିଡର ,ଇଣ୍ଡଷ୍ଟ୍ରିଆଲ୍ କ୍ଲଷ୍ଟର ଭିତ୍ତଭୂମି ଏବଂ ଭିତ୍ତିଭୂମି ବିକାଶ ଓଡ଼ିଶାର ଶିଳ୍ପକୁ ଆଉ ଶକ୍ତିଶାଳୀ କରିବ। ଯୁବବଗର୍ଗ ଚାକିରି ଖୋଜୁନ୍ତୁ ନାହିଁ, ଚାକିରି ସୃଷ୍ଟିକର୍ତ୍ତା ହୁଅନ୍ତୁ।

ସୁଶାନ୍ତ କୁମାର ପଣ୍ଡା , ଶିଳ୍ପପତି

## ନିର୍ଣ୍ଣାୟକ ପରିବର୍ତ୍ତନକୁ ସୂଚିତ କରୁଛି



ଶିକ୍ଷାରୁ ନିଯୁକ୍ତି ନିରନ୍ତରତା ଉପରେ କେନ୍ଦ୍ର ବଜେଟର ଦୃଢ଼ ଗୁରୁତ୍ୱ ଡିଗ୍ରୀ-କେନ୍ଦ୍ରିକ ଶିକ୍ଷାରୁ ଫଳାଫଳ-ଚାଳିତ, ଭବିଷ୍ୟତ-ପ୍ରସ୍ତୁତ ଶିକ୍ଷାକୁ ଏକ ନିର୍ଣ୍ଣାୟକ ପରିବର୍ତ୍ତନକୁ ସୂଚିତ କରୁଛି। ଏକ ଉଚ୍ଚ-ଶକ୍ତିଶାଳୀ ଶିକ୍ଷାରୁ ନିଯୁକ୍ତି ଏବଂ ଉଦ୍ୟୋଗ ସୃଷ୍ଟି ସ୍ଥାୟୀ କମିଟି ସ୍ୱୀକାର କରେ ଯେ ଶିକ୍ଷା, ଦକ୍ଷତା ଏବଂ ଉଦ୍ୟୋଗ ଏକତ୍ର ବିକଶିତ ହେବା ଆବଶ୍ୟକ, ବିଶେଷକରି ସେବା କ୍ଷେତ୍ର ୨୦୪୭ ସୁଦ୍ଧା ଭାରତର ବିଶ୍ୱ ନେତୃତ୍ୱର ଏକ ପ୍ରମୁଖ ବାହକ। ଶିକ୍ଷାର୍ଥୀଙ୍କୁ ଭବିଷ୍ୟତ କ୍ୟାରିଅର ପାଇଁ ପ୍ରସ୍ତୁତ କରିବା ପାଇଁ ଶିଳ୍ପ ଆବଶ୍ୟକତା, ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ୟୋଗିତା ସହିତ ପାଠ୍ୟକ୍ରମକୁ ସଂଲଗ୍ନ କରିବା ଗୁରୁତ୍ୱପୂର୍ଣ୍ଣ ହେବ।

ବିଶାଲ ଆଦିତ୍ୟ ସାହୁ, ନିର୍ଦ୍ଦେଶକ - ନ୍ୟୁ ଏଜ୍ ଲର୍ଣ୍ଣିଂ ,ସାଇ ଇଣ୍ଟରନ୍ୟାସନାଲ୍ ଏଜୁକେସନ୍ ଗ୍ରୁପ୍

## ଶିକ୍ଷାକୁ ଅବହେଳା: ସଂଘମିତ୍ରା



ବଜେଟ୍‌ରେ ଶିକ୍ଷା କ୍ଷେତ୍ରକୁ ଅବହେଳା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା। ସେ କହିଛନ୍ତି ଯେ ଶିକ୍ଷା ମନ୍ତ୍ରାଳୟ ପାଇଁ ଆନୁମାନିକ ଆବଶ୍ୟକତା ୭୮,୪୯୬.୨୨ କୋଟି ଟଙ୍କା ରହିଥିବାବେଳେ ମାତ୍ର ୫୫,୭୨୭ କୋଟି ଟଙ୍କା ଦିଆଯାଇଛି। ପ୍ରଧାନମନ୍ତ୍ରୀ ଛାତ୍ରୀ ନିବାସ ଯୋଜନା ପାଇଁ କୌଣସି ଅନୁଦାନ ନ ଦେଇ ସମ୍ପୂର୍ଣ୍ଣ ଅବହେଳା କରାଯାଇଛି। ଡିଜିଟାଲ୍ ଇଣ୍ଡିଆ ଲର୍ଣ୍ଣିଂ ପାଠ୍ୟକ୍ରମରେ ପୂର୍ବ ବର୍ଷ ୧,୫୭୫ କୋଟି ଟଙ୍କା ଅନୁଦାନ ମିଳିଥିବାବେଳେ ଚଳିତ ବର୍ଷ ଏହାର ଅଧାରୁ ମଧ୍ୟ କମ୍ ଅର୍ଥାତ୍ ମାତ୍ର ୬୭୦ କୋଟି ଦିଆଯାଇଛି। କେବଳ ଭାଷଣ, ଅନୁମାନ ଓ ଫାଙ୍କା ପ୍ରଚାର ଉପରେ ଏହି ବଜେଟ୍ ପର୍ଯ୍ୟବସିତ ବୋଲି ଶ୍ରୀମତି ଜେନା ଅଭିଯୋଗ କରିଛନ୍ତି।

## ପ୍ରଗତିଶୀଳ ପଦକ୍ଷେପ: ଅବନୀ



ଚଳିତ ବଜେଟକୁ ଏକ ଅତ୍ୟନ୍ତ ପ୍ରଗତିଶୀଳ ଏବଂ ଶିଳ୍ପ ଅନୁକୂଳ ବଜେଟ୍ ଭାବେ ଅଭିହିତ କରିଛନ୍ତି ଓଡ଼ିଶା ଶିଳ୍ପ ସଂଘର ଅଧ୍ୟକ୍ଷ ଅବନୀ କାନୁନ୍‌ଗୋ। ଏହି ବଜେଟରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ଗୁଡ଼ିକର ଅଭିବୃଦ୍ଧି ପାଇଁ ଏକ ତିନିମୁଖୀ ରଣନୀତି ଆପଣା ଯାଇଥିବା ବେଳେ ଓଡ଼ିଶାର ଭିତ୍ତିଭୂମି ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି। ଏମଏସଏମଇ ଗୁଡ଼ିକ ପାଇଁ ୧୦,୦୦୦ କୋଟି ଟଙ୍କାର ଏକ ଏସଏମଇ ଗ୍ରୋଥ ଫଣ୍ଡ ସୃଷ୍ଟି କରାଯାଇଛି। ଉଦ୍ୟୋଗଗୁଡ଼ିକୁ ଶସ୍ତା ମୂଲ୍ୟରେ ଆଇନଗତ ଅନୁପାଳନ ଶିକ୍ଷା ଦେବା ପାଇଁ "କର୍ପୋରେଟ୍ ମିତ୍ର" ପଦକ୍ଷେପ ଆରମ୍ଭ କରାଯାଇଛି। ଏଥିସହ ବଜେଟରେ ଆଗାମୀ ୫ବର୍ଷ ମଧ୍ୟରେ ୨୦ଟି ନୂତନ ଜଳପଥ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିରେ ଓଡ଼ିଶାର ଜାତୀୟ ଜଳପଥ-୫କୁ ପ୍ରାଥମିକତା ଦିଆଯାଇଛି। ଏହି ଜଳପଥ କରିଡର୍ ଓଡ଼ିଶାର ଶିଳ୍ପ ବିକାଶରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବା ସହ ରାଜ୍ୟର ହଜାର ହଜାର ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ବ୍ୟାପକ ରୋଜଗାର ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ କାନୁନ୍‌ଗୋ ଆଶାବ୍ୟକ୍ତ କରିଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୧.୯୯ ● ପାଉଣ୍ଡ ୧୨୭.୧୪
- ୟୁରୋ ୧୧୦.୫୫ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୪୭,୨୦୦ (ଭୁବନେଶ୍ୱର)
- ରୁପା : ୩,୫୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୦,୭୨୨.୦୦
- ନିଫ୍ଟି ୨୪,୮୨୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ୩ କର୍ତ୍ତବ୍ୟକୁ ଫୋକସ୍

ନୂଆଦିଲ୍ଲୀ, ୧।୨ (ଏଜେନ୍ସି): ନିର୍ମଳା ସୀତାରମଣ ବଜେଟ୍ ଭାଷଣ ଆରମ୍ଭ କରି କହିଛନ୍ତି, ମାଘ ପୂର୍ଣ୍ଣିମା ଓ ଗୁରୁ ରବିଦାସ ଜୟନ୍ତୀ ଅବସରରେ ଏହି ବଜେଟ ଉପସ୍ଥାପନ କରୁଛି। ଗତ ବର୍ଷରେ ଅନିଶ୍ଚିତତା ସତ୍ତ୍ୱେ ଆମେ ଅର୍ଥବ୍ୟବସ୍ଥାକୁ ସ୍ଥିର ରଖିଛୁ। ସରକାର ଦୀର୍ଘମିଆଦୀ ଢାଞ୍ଚାଗତ ସଂସ୍କାର ଆଣିଛନ୍ତି। ଆତ୍ମନିର୍ଭରତାକୁ ପ୍ରମୁଖ ଉଦ୍ଦେଶ୍ୟ କରି ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରାଯାଇଛି। ଏହି ବଜେଟ କର୍ତ୍ତବ୍ୟ ଭବନରେ ପ୍ରସ୍ତୁତ କରାଯାଇଛି। ପ୍ରଥମ କର୍ତ୍ତବ୍ୟ ହେଉଛି ଆର୍ଥିକ ଅଭିବୃଦ୍ଧିକୁ ସ୍ଥାୟୀ ଭାବରେ ତ୍ୱରାନ୍ୱିତ କରିବା। ଦ୍ୱିତୀୟ କର୍ତ୍ତବ୍ୟ ହେଉଛି ଲୋକଙ୍କ ଆକାଂକ୍ଷା ପୂରଣ କରିବା ଏବଂ ତୃତୀୟ କର୍ତ୍ତବ୍ୟ ହେଉଛି ସମ୍ବଳ, ସୁବିଧା ଏବଂ ସୁଯୋଗ ପ୍ରତି ସମସ୍ତଙ୍କର ସମାନ ପହଞ୍ଚ ସୁନିଶ୍ଚିତ କରିବା।

# ଘରୋଇ ଉତ୍ପାଦନ ପାଇଁ ଇକୋସିଷ୍ଟମ

ନୂଆଦିଲ୍ଲୀ, ୧।୨ (ଏଜେନ୍ସି): ବଜେଟରେ ଭାରତକୁ ଏକ ବିଶ୍ୱ ବାୟୋଫାର୍ମା ଉତ୍ପାଦନ କେନ୍ଦ୍ର ଭାବରେ ବିକଶିତ କରିବା ପାଇଁ, କେନ୍ଦ୍ର ବଜେଟରେ ଆଗାମୀ ୫ ବର୍ଷ ମଧ୍ୟରେ ୧୦,୦୦୦ କୋଟି ଟଙ୍କା ବ୍ୟୟ ସହିତ ବାୟୋଫାର୍ମା ଶକ୍ତି (ଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ମାଧ୍ୟମରେ ସ୍ୱାସ୍ଥ୍ୟସେବା ଉନ୍ନତି ପାଇଁ ରଣନୀତି) ପ୍ରସ୍ତାବ ଦିଆଯାଇଛି। ଏହା ବାୟୋଲୋଜିକ୍ସ ଏବଂ ବାୟୋସିମିଲାରର ଘରୋଇ ଉତ୍ପାଦନ ପାଇଁ ଇକୋସିଷ୍ଟମ ନିର୍ମାଣ କରିବ। ଯୁବପିଢ଼ିଙ୍କ ପାଇଁ ନୂତନ ଦକ୍ଷତା ସମ୍ପନ୍ନ କ୍ୟାରିଅର ମାର୍ଗ ସୃଷ୍ଟି କରିବା ପାଇଁ, ଅର୍ଥମନ୍ତ୍ରୀ ସ୍ୱାସ୍ଥ୍ୟ କ୍ଷେତ୍ର ସମେତ ବହୁବିଧ କ୍ଷେତ୍ରରେ ହସ୍ତକ୍ଷେପ ପ୍ରସ୍ତାବ ଦେଇଛନ୍ତି।

## ନିଯୁକ୍ତି ସୁଯୋଗ ସୃଷ୍ଟିହେବ, ଏଆଇର ବିକାଶ ହେବ



ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଇକୋସିଷ୍ଟମ କ୍ଷେତ୍ରରେ ବିକାଶକୁ ମଜବୁତ କରିବା ପାଇଁ ବଜେଟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଏଥିରେ ଡିଜିଟାଲ ଭିତ୍ତିଭୂମିକୁ ଧ୍ୟାନକେନ୍ଦ୍ରୀତ କରାଯାଇଛି। ଏଆଇ ଆର୍କିଟେକ କ୍ଷେତ୍ରରେ ଡାଟା ସେଣ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି କ୍ଷେତ୍ରରେ ୭୦ ବିଲିୟନ ଡଲାର ନିବେଶ ପାଇଁ ପୂର୍ବରୁ ହୋଇ ସାରିଛି। ଆହୁରି ୯୦ ବିଲିୟନ ଡଲାର ନିବେଶ ପ୍ରସ୍ତାବ ରହିଛି। ଦୀର୍ଘକାଳୀନ ନିବେଶକୁ ପ୍ରୋତ୍ସାହନ ଦେବା ପାଇଁ ଭାରତରୁ ଡାଟା ସେଣ୍ଟର ସେବା ବ୍ୟବହାର କରି ବିଶ୍ୱବ୍ୟାପୀ ଗ୍ରାହକମାନଙ୍କୁ କ୍ଲାଉଡ୍ ସେବା ପ୍ରଦାନ କରୁଥିବା ବିଦେଶୀ କମ୍ପାନୀଙ୍କୁ ୨୦୪୭ ପର୍ଯ୍ୟନ୍ତ ଟିକସରୁ ବଜେଟରେ ଆଶ୍ୱସ୍ତି ଦିଆଯାଇଛଇ। ଏହି କମ୍ପାନୀଗୁଡ଼ିକ ଏକ ଭାରତୀୟ ପୁନଃବିକ୍ରେତା ସଂସ୍ଥା ମାଧ୍ୟମରେ ଭାରତୀୟ ଗ୍ରାହକମାନଙ୍କୁ ସେବା ପ୍ରଦାନ କରିବେ ବୋଲି ରେଳ ଏବଂ ସୂଚନା ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ରେଳମନ୍ତ୍ରୀ

## ଲୋକାଭିମୁଖୀ ବଜେଟ



ବଜେଟରେ ସାଧାରଣ ପୁଞ୍ଜି ନିବେଶ ଏବଂ ଉତ୍ପାଦନକୁ ବୃଦ୍ଧି କରିବା ଉପରେ ସ୍ପଷ୍ଟ ଧ୍ୟାନ ଦେବା ସହିତ ଯୁବପିଢ଼ିମାନଙ୍କ ପାଇଁ ସେମାନଙ୍କର ଜୀବିକା ଉନ୍ନତ କରିବା, ମହିଳାମାନଙ୍କୁ ଆର୍ଥିକ ଭାବରେ ସ୍ୱାଧୀନ କରିବା ଏବଂ ଚିକିତ୍ସା ପର୍ଯ୍ୟଟନ ଭଳି ନିଯୁକ୍ତି କ୍ଷେତ୍ରଗୁଡ଼ିକୁ ଆଗକୁ ନେବା ପାଇଁ ଯଥେଷ୍ଟ ସୁଯୋଗ ସୃଷ୍ଟି କରାଯାଇଛି। ମୁଁ ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ବିରଳ ମୃତ୍ତିକା ପ୍ରତି ସରକାରଙ୍କ ଆଗ୍ରହକୁ ସ୍ୱାଗତ କରୁଛି। ଓଡ଼ିଶା, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଏବଂ କେରଳରେ ଖଣି, ପ୍ରକ୍ରିୟାକରଣ, ଗବେଷଣା, ବିକାଶ ଏବଂ ଉତ୍ପାଦନ ପାଇଁ ବିରଳ ମୃତ୍ତିକା କରିଡର ଅଭିବୃଦ୍ଧି, ନିଯୁକ୍ତି ଏବଂ ଖଣିଜ ସୁରକ୍ଷାକୁ ବୃଦ୍ଧି କରିବ। ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରକ୍ରିୟାକରଣ ପାଇଁ ପୁଞ୍ଜିଗତ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ଛାଡ଼ ବର୍ତ୍ତମାନର ବିଶ୍ୱ ପରିସ୍ଥିତିରେ ବହୁତ ସମୟୋଚିତ ସାବ୍ୟସ୍ତ ହୋଇଛି।

ଅନିଲ ଅଗ୍ରୱାଲ, ବେଦାନ୍ତ ଲିମିଟେଡର ଅଧ୍ୟକ୍ଷ

## ଭିତ୍ତିଭୂମିରେ ପୁଞ୍ଜି ବ୍ୟୟ ସ୍ୱାଗତଯୋଗ୍ୟ ପଦକ୍ଷେପ



ଉଦ୍ୟୋଗର ଦୀର୍ଘକାଳୀନ ଅଭିବୃଦ୍ଧି ପାଇଁ ଭିତ୍ତିଭୂମି କ୍ଷେତ୍ରରେ ପୁଞ୍ଜିଗତ ବ୍ୟୟ (କ୍ୟାପେକ୍ସ) ଜାରି ରହିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ପ୍ରକଳ୍ପ ପାଇଁ ଆର୍ଥିକ ସହାୟତାକୁ ସୁଦୃଢ଼ କରିବା, ଶିଳ୍ପ କ୍ଲଷ୍ଟରଗୁଡ଼ିକର ପୁନରୁଦ୍ଧାର ଏବଂ ଟିୟର-୨ ଓ ଟିୟର-୩ ସହରଗୁଡ଼ିକରେ ଭିତ୍ତିଭୂମି ସମ୍ପ୍ରସାରଣ ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଦ୍ୱାରା ଘରୋଇ ଉତ୍ପାଦନ ଏବଂ ପ୍ରତିଯୋଗିତାମୂଳକ ମନୋଭାବକୁ ମଧ୍ୟ ପ୍ରୋତ୍ସାହନ ମିଳିବ। ଏଏମ୍/ଏନ୍ଏସ୍ ଇଣ୍ଡିଆ ଦୀର୍ଘସ୍ଥାୟୀ ଇସ୍ପାତ ନିର୍ମାଣ ଏବଂ ଭାରତର ପ୍ରଗତିରେ ଦୀର୍ଘକାଳୀନ ନିବେଶ ମାଧ୍ୟମରେ ଦେଶ ଗଠନର ପ୍ରୟାସକୁ ସହାୟତା କରିବା ପାଇଁ ପ୍ରତିବଦ୍ଧ।

ଦିଲୀପ ଉମେନ୍
ନିର୍ଦ୍ଦେଶକ ଏବଂ ସିଇଓ, ଏଏମ୍/ଏନ୍ଏସ୍ ଇଣ୍ଡିଆ

## କୃଷି କ୍ଷେତ୍ରରେ ଆଧୁନିକୀକରଣ

# ଚାଷୀଙ୍କୁ ଏଆଇ ଟୁଲ୍




ବଜେଟରେ କେଉଁ ବର୍ଗ ପାଇଁ କ'ଣ

### ଚାଷୀ

ଗ୍ରାମାଞ୍ଚଳରେ ଏକ ଜିଲ୍ଲା-ଏକ ଉତ୍ପାଦ ଯୋଜନାକୁ ମଜବୁତ କରାଯିବ। ଉତ୍ପାଦନ, ପ୍ରଶିକ୍ଷଣ ଏବଂ ବଜାର ବଢ଼ାଯିବ। ଖଦି ଏବଂ ହସ୍ତତନ୍ତକୁ ମଜବୁତ କରିବା ପାଇଁ ମହାତ୍ମା ଗାନ୍ଧୀ ଗ୍ରାମ ସ୍ୱରାଜ ଯୋଜନା ଆରମ୍ଭ କରାଯିବ। ଉପକୂଳ ଅଞ୍ଚଳରେ ଚାଷୀଙ୍କ ପାଇଁ ନଡ଼ିଆ ଚାଷ ଯୋଜନା ଅଣାଯିବ। ୨୦୩୦ ସୁଦ୍ଧା କାଜୁ ଏବଂ କୋକୋକୁ ପ୍ରିମିୟମ ଗ୍ଲୋବାଲ ବ୍ରାଣ୍ଡ କରିବାରେ ସହାୟତା ଦିଆଯିବ। ବାଦାମ ଏବଂ ଅଖରୋଟ ଉତ୍ପାଦନ ବଢ଼ାଇବାକୁ ପ୍ରୋତ୍ସାହନ ମିଳିବ। ନଡ଼ିଆ ଉତ୍ପାଦକ ରାଜ୍ୟରେ ଖରାପ ହୋଇଥିବା ଗଛ ବଦଳରେ ନୂଆ କିସମର ଚାରା ଦିଆଯିବ। ଚନ୍ଦନ ଗଛ ଏବଂ କାଠ ପାଇଁ ସ୍ୱତନ୍ତ୍ର ଯୋଜନା ଆସିବ। ରେଶମ, ଉଲ ଏବଂ ଝୋଟ ଫାଇବରରେ ଆତ୍ମନିର୍ଭର ପାଇଁ ରାଷ୍ଟ୍ରୀୟ ଫାଇବର ଯୋଜନା ଅଣାଯିବ। ପାରମ୍ପରିକ କ୍ଲଷ୍ଟରକୁ ଆଧୁନିକୀକରଣ ପାଇଁ ବସ୍ତ୍ର ବିସ୍ତାର ଏବଂ ରୋଜଗାର ଯୋଜନା ଚାଲିବ। ବୁଣାକାର ଏବଂ କାରିଗରଙ୍କ ସହାୟତା ପାଇଁ ରାଷ୍ଟ୍ରୀୟ ହସ୍ତତନ୍ତ ଏବଂ ହସ୍ତଶିଳ୍ପ କାର୍ଯ୍ୟକ୍ରମ ଆସିବ। ଚାଷୀଙ୍କ ପାଇଁ ଏଆଇ ଟୁଲ 'ଭାରତ ବିସ୍ତାର' କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହା କୃଷକଙ୍କ ଉତ୍ପାଦନ ବଢ଼ାଇବାରେ ସହାୟକ ହେବ। ମତ୍ସ୍ୟ ଉତ୍ପାଦନ ପାଇଁ ୫୦୦ ଜଳାଶୟ ଏବଂ ଅମୃତ ସରୋବରର ସମନ୍ୱିତ ବିକାଶ କରାଯିବ। ପଶୁପାଳନ କ୍ଷେତ୍ରରେ ଋଣ ଆଧାରିତ ରିଆତି କାର୍ଯ୍ୟକ୍ରମ ଆରମ୍ଭ ହେବ। ପଶୁପାଳନ ଉଦ୍ୟୋଗ ଗୁଡ଼ିକୁ ପ୍ରୋତ୍ସାହନ ଏବଂ ଆଧୁନିକୀକରଣ କରାଯିବ। ଏ ସମ୍ବନ୍ଧିତ କୃଷକ ଉତ୍ପାଦକ ସଂଗଠନକୁ ପ୍ରୋତ୍ସାହନ ମିଳିବ। କୃଷକ ସମ୍ମାନ ନିଧି ଯୋଜନାରେ ବର୍ଷକୁ ୬ ହଜାର ଟଙ୍କା ମିଳିବା ଜାରି ରହିବ।

### ବ୍ୟବସାୟୀ

ଭବିଷ୍ୟତର ଚାମ୍ପିଅନ ହେବା ପାଇଁ ୧୦ ହଜାର କୋଟି ଟଙ୍କାର ଏମଏସଏମଇ ବିକାଶ ପାଣ୍ଠି ପ୍ରତିଷ୍ଠା ହେବ। ଦେଶରେ ମେଗା ଟେକ୍ସଟାଇଲ ପାର୍କ ନିର୍ମାଣ କରାଯିବ। ଏମଏସଏମଇରୁ ସରକାରୀ କ୍ରୟ ବଢ଼ାଯିବ। ଟେକ୍ସଟାଇଲ କ୍ଷେତ୍ର ପାଇଁ ତିନୋଟି ଯୋଜନା ଆସିବ। ଜାତୀୟ ହସ୍ତଶିଳ୍ପ ନୀତି ଦ୍ୱାରା କାରିଗରଙ୍କୁ ପ୍ରୋତ୍ସାହନ ଏବଂ ସହାୟତା ମିଳିବ। ଘରୋଇ ଡେଭଲପର୍ସଙ୍କୁ ଇନ୍ଫ୍ରାଷ୍ଟ୍ରକଚର ରିସ୍କ ଗ୍ୟାରେଣ୍ଟି ଫଣ୍ଡରେ ସରକାର ଆଂଶିକ ଗ୍ୟାରେଣ୍ଟ ଦେବେ। ରିୟଲ ଇଷ୍ଟେଟ କ୍ଷେତ୍ରରେ ରିସାଇକେଲିଂ ପାଇଁ ଯୋଜନା। ଅଣୁ ଉଦ୍ୟୋଗକୁ ସହାୟତା ଲାଗି ସେଲ୍ଫ ରିଲାଏଣ୍ଟ ଇଣ୍ଡିଆ ପାଣ୍ଠି। ଲିକ୍ୱିଡିଟି ସପୋର୍ଟ ପାଇଁ ଟ୍ରାଞ୍ଜାକ୍ସନ ସେଟେଲମେଣ୍ଟ ପ୍ରୋଗ୍ରାମ, କ୍ରେଡିଟ ଗ୍ୟାରେଣ୍ଟି ସପୋର୍ଟ ମେକାନିଜିମ, ଜିଇଏମକୁ ଟ୍ରେଡ ଲିଙ୍କ, ସମ୍ପତ୍ତି ଆଧାରିତ ସୁରକ୍ଷା ମିଳିବ। ବୃତ୍ତିଗତ ସହାୟତା ମଧ୍ୟ ପ୍ରଦାନ କରାଯିବ। ବାରାଣସୀ ଏବଂ ପାଟନାରେ ଇଣ୍ଟରନାଲ ୱାଟରୱେଜ ପ୍ରତିଷ୍ଠା ହେବ। ଉଚ୍ଚ ମାନର ଆୟୁର୍ବେଦ ଉତ୍ପାଦ ରପ୍ତାନୀ କରାଯିବ। ଆୟୁର୍ବେଦ ଔଷଧର ପରୀକ୍ଷଣ ଲାଗି ନ୍ୟାସନାଲ ଲ୍ୟାବ ପ୍ରତିଷ୍ଠା ହେବ। ଜାମନଗରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ସହାୟତାରେ ପାରମ୍ପରିକ ଔଷଧ କେନ୍ଦ୍ର ଖୋଲାଯିବ। ସେୟାର ମାର୍କେଟ ସମ୍ବନ୍ଧିତ ସିକ୍ୟୁରିଟିଜ ଟ୍ରାଞ୍ଜାକ୍ସନ ଟ୍ୟାକ୍ସ (ଏସଟିଟି)କୁ ବଢ଼ାଇ ଦିଆଯାଇଛି।

### ବୃତ୍ତିଧାରୀ

ନୂଆ ଆୟକର ନିୟମ ଏପ୍ରିଲ ୧ରୁ କାର୍ଯ୍ୟକାରୀ ହେବ। ଏଥିପାଇଁ ଫର୍ମ ସରଳ କରାଯାଇଛି। ରିଭାଇଜଡ ରିଟର୍ଣ୍ଣ ସୁବିଧା ମିଳିବ। ମୋଟର ଆକ୍ସିଡେଣ୍ଟ କ୍ଲେମ ମୂଲ୍ୟରେ ଆୟକର ରିଆତି ଦିଆଯିବ। ପଢ଼ା ଏବଂ ଚିକିତ୍ସା ପାଇଁ ବିଦେଶ ଅର୍ଥ ପଠାଇଲେ ଏବେ କମ ଟ୍ୟାକ୍ସ କଲେକ୍ସନ ଆଟ ସୋର୍ସ (ଟିସିଏସ) ଲାଗିବ। ବିଦେଶୀ ଟୁର ପ୍ୟାକେଜରେ ଟିସିଏସ ହ୍ରାସ କରି ୨ ପ୍ରତିଶତ କରାଯାଇଛି। କର୍ମଚାରୀ ନିଯୁକ୍ତି ସେବା ଉପରେ ୧ରୁ ୨ ପ୍ରତିଶତ ଟିକସ ଲାଗିବ। ଅସ୍ଥାବର ସମ୍ପତ୍ତି ବିକ୍ରିରେ ଟିଡିଏସ ପାଇଁ ଟ୍ୟାନ ବଦଳରେ ପ୍ୟାନ ଆଧାରିତ ଚାଲାଣ ଦାଖଲ କରିବାକୁ ପଡିବ। ବିଦେଶରେ ଥିବା ସମ୍ପତ୍ତିର ଘୋଷଣା ପାଇଁ 'ୱାନ ଟାଇମ ସିକ୍ସ ମନ୍ଥ ଫରେନ ଆସେଟ ଡିସକ୍ଲୋଜ ସ୍କିମ' ଅଣାଯାଇଛି। ଏନଆରଆଇଙ୍କ ବିଦେଶ ଆୟ ଭାରତରେ ନିବେଶ କଲେ ୫ ବର୍ଷ ପାଇଁ ଟିକସରୁ ରିଆତି ଏବଂ ସର୍ତ୍ତରେ ଆଶ୍ୱସ୍ତି ମିଳିବ। ଭାରତରେ ପାଞ୍ଚ ବର୍ଷ ରହିଥିବା ବିଦେଶୀଙ୍କୁ ଦେଶ ବାହାରର ଆୟ ଟିକସ ମୁକ୍ତ ହେବ।

### ଯୁବ ବର୍ଗ

ଯୁବ ବର୍ଗଙ୍କୁ ଏଆଇ କ୍ଷେତ୍ରରେ ସ୍ୱତନ୍ତ୍ର ପୋତ୍ସାହନ ଦିଆଯିବ। ଏଆଇ ଟୁଲ 'ଭାରତ ବିସ୍ତାର' କାର୍ଯ୍ୟକ୍ରମ ଆରମ୍ଭ ହେବ। କ୍ୟାରିୟର ଗଢ଼ିବା ପାଇଁ ପଥ ଉପଲବ୍ଧ କରିବା ପାଇଁ ଯୋଜନା ଅଣାଯିବ। ନ୍ୟାସନାଲ ଡେଷ୍ଟିନେସନ୍ ଡିଜିଟାଲ ନଲେଜ ଗ୍ରୀଡ଼ ପ୍ରତିଷ୍ଠା ହେବ। ଗେମିଂ, କମିକ ଭଳି ୨୦୩୦ ସୁଦ୍ଧା ୨୦ ଲକ୍ଷ ବୃତ୍ତିଗତଙ୍କ ଆବଶ୍ୟକତା ପଡ଼ିବ। ଏଭିଜିସି କଣ୍ଟେଣ୍ଟ କ୍ରିଏଟର ଲ୍ୟାବ ପ୍ରତିଷ୍ଠା ହେବ। ପୂର୍ବ ଭାରତରେ ନୂଆ ରାଷ୍ଟ୍ରୀୟ ଡିଜାଇନ ପ୍ରତିଷ୍ଠାନ ଆରମ୍ଭ କରାଯିବ। ୫ ବର୍ଷରେ ଲକ୍ଷେ ସ୍ପେସିଆଲିଷ୍ଟ ହେଲ୍ଥକେୟାର ପ୍ରଫେସନାଲଙ୍କୁ ପ୍ରସ୍ତୁତ କରାଯିବ। ୧.୫ ଲକ୍ଷ କେୟାର ଗିଭର୍ସଙ୍କୁ ପ୍ରଶିକ୍ଷଣ ଦିଆଯିବ। ସ୍ୱାସ୍ଥ୍ୟକର୍ମୀ ଗଢୁଥିବା ସଂସ୍ଥାକୁ ଅପଗ୍ରେଡ଼ କରାଯିବ। ରେଡିଓଲୋଜି, ଆନେସ୍ଥେସିଆ ଭଳି କ୍ଷେତ୍ରକୁ ଧ୍ୟାନ ଦିଆଯିବ। ୮୦୦ ଜିଲ୍ଲାରେ ମହିଳାଙ୍କ ପାଇଁ ହଷ୍ଟେଲ ପ୍ରତିଷ୍ଠା ହେବ। ୧୫ ହଜାର ଉଚ୍ଚ ମାଧ୍ୟମିକ ସ୍କୁଲ ଏବଂ ୫୦୦ ମହାବିଦ୍ୟାଳୟରେ କ୍ରିଏଟର ଲ୍ୟାବ ପ୍ରତିଷ୍ଠା। ୨୦ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳରେ ୧୦ ହଜାର ଗାଇଡଙ୍କୁ ପ୍ରଶିକ୍ଷଣ। ଖେଲୋ ଇଣ୍ଡିଆ ମିଶନର ପ୍ରତିଷ୍ଠା କରି ନୂଆ ପ୍ରଶିକ୍ଷଣ କେନ୍ଦ୍ର ଗଠନ ହେବ। ମାଉଣ୍ଟେନ ଟ୍ରେଲ ଗଠନ ହେବ।

### କର୍ପୋରେଟ

ଦେଶର ପ୍ରତିରକ୍ଷା ବଜେଟକୁ ୭.୮ ଲକ୍ଷକୁ ବୃଦ୍ଧି କରାଯାଇଛି। ୭ ହାଇସ୍ପିଡ ରେଳ କରିଡର ନିର୍ମାଣ ହେବ। ରେୟାର ଆର୍ଥ କରିଡର ପ୍ରତିଷ୍ଠା କରାଯିବ। ବାୟୋ ଫାର୍ମା ଶକ୍ତି ଯୋଜନା ଆରମ୍ଭ କରି ନୂଆ ପ୍ରତିଷ୍ଠାନ ଖୋଲାଯିବ। ବୈଜ୍ଞାନିକ ସମୀକ୍ଷା ପାଇଁ ହଜାରେରୁ ଅଧିକ କ୍ଲିନିକାଲ ସାଇଟସ ଗଠନ ହେବ। ସେମିକଣ୍ଡକ୍ଟର ଅଭିଯାନରେ ଉତ୍ପାଦନ ଏବଂ ଭାରତୀୟ ଆଇପି ନିର୍ମାଣ, ଯୋଗାଣ ଶୃଙ୍ଖଳା ପ୍ରତିଷ୍ଠା କରାଯିବ। ସେମିକଣ୍ଡକ୍ଟର ଅଭିଯାନ ଆଇଏସଏମ ୨.୦ ଆରମ୍ଭ ହେବ। ମୋବାଇଲ ଏବଂ ଅନ୍ୟ ଇଲେକଟ୍ରୋନିକ୍ସ ଯନ୍ତ୍ରାଂଶର ବଜେଟ ବଢ଼ାଇ ୪୦ ହଜାର କୋଟି କରାଯାଇଛି। ଘରୋଇ ଡେଭଲପର୍ସଙ୍କ ପାଇଁ ଇନ୍ଫ୍ରାଷ୍ଟ୍ରକ୍ଚର ରିସ୍କ ଗ୍ୟାରେଣ୍ଟି ଫଣ୍ଡ। କାର୍ଗୋ ଡେଡିକେଟେଡ ଫ୍ରେଡ କରିଡର ପ୍ରତିଷ୍ଠା ହେବ। ବିଦେଶୀ ଆୟର ଘୋଷଣା ପାଇଁ ନୂଆ ଯୋଜନା। ଭାରତରେ ପ୍ରସ୍ତୁତ ଡାଟା ସେଣ୍ଟର ବ୍ୟବହାର ପାଇଁ ବିଦେଶୀ କ୍ଲାଉଡ କମ୍ପାନୀଙ୍କୁ ୨୦୪୭ ପର୍ଯ୍ୟନ୍ତ ଟିକସ ରିଆତି। ୪ ହଜାର ନୂଆ ଇ-ବସ ଚାଲିବ। ସି-ପ୍ଲେନ ନିର୍ମାଣ ପାଇଁ ସହାୟତା ଦିଆଯିବ।

### ମହିଳା

ଲକ୍ଷପତି ଦିଦି କାର୍ଯ୍ୟକ୍ରମର ପରିସର ବଢ଼ାଯିବ। ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଇନୋଭେଟିଭ ଫାଇନାନ୍ସିଂ ମାଧ୍ୟମରେ ସହାୟତା ଦିଆଯିବ। ଗ୍ରାମାଞ୍ଚଳର ମହିଳା ଉଦ୍ୟୋଗୀଙ୍କ ପାଇଁ ସି-ମାର୍ଟ ଆରମ୍ଭ ହେବ। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ (ଏସ୍ଟିଇଏମ)ରେ ମହିଳାଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସ୍ୱତନ୍ତ୍ର ପାଣ୍ଠି ଗଠନ ହେବ।

### ବରିଷ୍ଠ ନାଗରିକ

୭ ଗମ୍ଭୀର ରୋଗ ଏବଂ କର୍କଟର ୧୭ ଔଷଧ ଶସ୍ତା ହେବ। ପିଏମ ଦିବ୍ୟାଙ୍ଗ କେନ୍ଦ୍ରକୁ ଅଧିକ ମଜବୁତ କରାଯିବ। ଦିବ୍ୟାଙ୍ଗ ସାହାରା ଯୋଜନା ଅଧିନରେ ପ୍ରଶିକ୍ଷଣ ଏବଂ ସହାୟତା ଦିଆଯିବ। ମାନସିକ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ନିମ୍ହାନ୍ସ ୨.୦ ପ୍ରତିଷ୍ଠା କରାଯିବ। ଭାରତୀୟ ଯୋଗକୁ ସାରା ବିଶ୍ୱରେ ପ୍ରସାର ପାଇଁ ପ୍ରୋତ୍ସାହନ ମିଳିବ।

## ରେଳବାଇ ପାଇଁ ବଜେଟ୍ ବରାଦ

| ବ୍ୟୟ କ୍ଷେତ୍ର | କୋଟି ଟଙ୍କା |
|---|---|
| ନୂଆ ରେଳ ଲାଇନ | ୩୬୭୨୧.୫୫ |
| ଗଜ ପରିବର୍ତ୍ତନ | ୪୬୦୦.୦୦ |
| ଦୋହରୀକରଣ | ୩୭୭୫୦.୦୦ |
| ଟ୍ରାଫିକ | ୭୮୯୭.୨୭ |
| ରେଲିଂ ଷ୍ଟକ୍ | ୬୫୪୯୬.୬୩ |
| କ୍ୟାପିଟାଲ କମ୍ପୋନେଣ୍ଟ | ୩୯୬୫୦.୦୦ |
| ଓଭରବ୍ରିଜ/ଅଣ୍ଡରବ୍ରିଜ | ୮୨୨୫.୦୦ |
| ଟ୍ରାକ୍ ନବୀକରଣ | ୨୨୮୫୩.୦୦ |
| ବିଦ୍ୟୁତିକରଣ | ୫୦୦୦.୦୦ |
| ଅନ୍ୟ ବିଦ୍ୟୁତକାର୍ଯ୍ୟ | ୧୯୫୨.୨୭ |
| ୱାର୍କସପ୍ | ୩୮୮୮.୨୯ |
| କର୍ମଚାରୀ କଲ୍ୟାଣ | ୯୬୭.୩୧ |
| ଯାତ୍ରୀ ସୁବିଧା | ୧୧୯୭୧.୮୨ |
| ନିବେଶ | ୧୭୨୫୧.୦୦ |
| ମହାନଗର ପରିବହନ | ୪୪୯୮.୧୦ |
| ଅନ୍ୟାନ୍ୟ | ୧୨୩୦୭.୭୬ |
| ଇବିଆର୍ | ୧୨୦୦୦.୦୦ |
| ମୋଟ | ୨୯୩୦୩୦.୦୦ |

## ୧୨.୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବ୍ୟୟ ପ୍ରସ୍ତାବିତ

ନୂଆଦିଲ୍ଲୀ, ୧।୨ (ଏଜେନ୍ସି): ବଜେଟରେ ପୁଞ୍ଜିବ୍ୟୟକୁ ୧୨.୨ ଲକ୍ଷ କୋଟି ଟଙ୍କା କରିବାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଯେ ପୁଞ୍ଜି ବ୍ୟୟ ୨୦୧୪-୧୫ରେ ୨ ଲକ୍ଷ କୋଟି ଟଙ୍କା ରହିଥିବା ବେଳେ ୨୦୨୫-୨୬ ରେ ଏହା ୧୧.୨ ଲକ୍ଷ କୋଟି ଟଙ୍କା ହୋଇଛି। ୨୦୨୬-୨୭ ଆର୍ଥିକ ବର୍ଷରେ ଏହି ଗତିକୁ ଜାରି ରଖିବା ପାଇଁ ପୁଞ୍ଜି ବ୍ୟୟକୁ ୧୨.୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ନିର୍ମଳା ପ୍ରସ୍ତାବ ଦେଇଛନ୍ତି। ଗତ ଦଶନ୍ଧି ମଧ୍ୟରେ ସରକାର ସାର୍ବଜନୀନ ଭିତ୍ତିଭୂମିର ବ୍ୟାପକ ଉନ୍ନତି ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ମଧ୍ୟରେ ଭିତ୍ତିଭୂମି ନିବେଶ ଟ୍ରଷ୍ଟ (ଆଇଏନଭିଆଇଟିଏସ) ଏବଂ ରିଅଲ୍ ଇଷ୍ଟେଟ୍ ଇନଭେଷ୍ଟମେଣ୍ଟ ଟ୍ରଷ୍ଟ (ଆରଇଆଇଟିଏସ୍) ଭଳି ନୂତନ ଆର୍ଥିକ ମାଧ୍ୟମ ଏବଂ ଏନଆଇଆଇଏଫ୍ ଏବଂ ଏନଏବିଏଫଆଇଡି ଭଳି ନୂତନ ସଂସ୍ଥା ଅନ୍ତର୍ଭୁକ୍ତ। ୨୦୨୬-୨୭ ବଜେଟରେ ସମର୍ପିତ ଆରଇଆଇଟିଏସ୍ ସ୍ଥାପନ ମାଧ୍ୟମରେ ସିପିଏସଇ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ରିଅଲ୍ ଇଷ୍ଟେଟ୍ ସମ୍ପତ୍ତିର ପୁନଃଚକ୍ରଣକୁ ତ୍ୱରାନ୍ୱିତ କରିବାକୁ ପ୍ରସ୍ତାବ ଦିଆଯାଇଛି।

### ପାରାଦୀପ ବନ୍ଦରର ରେକର୍ଡ

## ଜାନୁଆରୀରେ ୧୪.୪୪ ଏମ୍ଏମ୍ଟି ପଣ୍ୟ କାରବାର

ପାରାଦୀପ,୧।୨(ସମିସ): ଚଳିତ ଜାନୁଆରୀ ମାସରେ ପାରାଦୀପ ବନ୍ଦର ୧୪.୪୪ ଏମ୍ଏମ୍ଟି ପଣ୍ୟ କାରବାର କରି ରେକର୍ଡ ସୃଷ୍ଟି କରିଛି। ଗତ ବର୍ଷ ଏହି ଜାନୁଆରୀ ମାସରେ ପାରାଦୀପ ବନ୍ଦର ପକ୍ଷରୁ ୧୪.୩୨ ଏମ୍ଏମ୍ଟି ପଣ୍ୟ କାରବାର ହୋଇଥିଲା। ଏହି ଅଭିବୃଦ୍ଧି ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ କେନ୍ଦ୍ର ଜାହାଜ ଚଳାଚଳ, ବନ୍ଦର ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ଦୃଢ ଦିଗଦର୍ଶନ ବୋଲି କହିବା ସହିତ ବନ୍ଦର ଅଧିକାରୀ, କର୍ମଚାରୀ, ଚୁକ୍ତିଭିତ୍ତିକ କର୍ମଚାରୀ ଓ ବନ୍ଦର ସହଯୋଗୀଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି। ପାରାଦୀପ ବନ୍ଦର ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି, ଏଥି ସହିତ ଅଭିବୃଦ୍ଧି ହାର ମଧ୍ୟ ବୃଦ୍ଧି ପାଇଛି। ଏହା ଦ୍ୱାରା ଜାତୀୟ ଅର୍ଥନୈତିକ ବିକାଶରେ ପାରାଦୀପ ବନ୍ଦର ସହାୟକ ହେଉଛି ବୋଲି ଶ୍ରୀ ହରନାଦ କହିଛନ୍ତି।

## ହୋଣ୍ଡା ମୋଟରସାଇକଲ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ

ଗୁରୁଗ୍ରାମ, ୧।୨: ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚଏମ୍ଏସଆଇ) ପକ୍ଷରୁ ଏକ ମାସ ଧରି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମଗୁଡିକ ରାଷ୍ଟ୍ରବ୍ୟାପୀ ଅନେକ ସହରରେ କରାଯାଇଛି। ଏହା ୩୦୦୦୦ରୁ ଅଧିକ ଅଂଶଗ୍ରହଣକାରୀଙ୍କ ନିକଟରେ ପହଞ୍ଚିଛି। ଏହାର ଜାତୀୟ ସଡ଼କ ସୁରକ୍ଷା ମାସ ପ୍ରୟାସସମୂହର ଅଂଶ ଭାବରେ ଏଚଏମ୍ଏସଆଇ ତାହାର ଜୟପୁର ଆଇଡିଆଲ୍ ରୋଡ୍ ସେଫ୍ଟି ପ୍ରୋଜେକ୍ଟ ଶୁଭାରମ୍ଭ କରିଥିଲା, ଯାହା ସୁରକ୍ଷିତ ଏବଂ ଅଧିକ ଦାୟିତ୍ୱସମ୍ପନ୍ନ ଗମନାଗମନ ନିମନ୍ତେ ଏହାର ଦୃଷ୍ଟିନିବଦ୍ଧକାରୀ ପ୍ରୟାସକୁ ପ୍ରଦର୍ଶିତ କରିଥିଲା। ଏହି ପ୍ରୋଜେକ୍ଟ ସହିତ ଶିକ୍ଷା, ପ୍ରବର୍ତ୍ତନ, ଇଞ୍ଜିନିୟରିଂ ଏବଂ ନୂତନ ସମ୍ବେଦୀ ପରିସ୍ଥିତିଗୁଡିକୁ ସ୍କୁଲ, ଟ୍ରାଫିକ ପୋଲିସ, ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ନାଗରିକମାନଙ୍କ ସହଭାଗୀତା ଜରିଆରେ ଦୈନନ୍ଦିନ ଜନସାଧାରଣଙ୍କ ସହିତ ସମନ୍ୱିତ କରି ଏକ ପୂର୍ଣ୍ଣାଙ୍ଗ ଆଭିମୁଖ୍ୟ ଗ୍ରହଣ କରିଛି।

### ରାଜ୍ୟରେ ପ୍ରଥମ ପିକଲ୍ ବଲ୍ ସୁବିଧା ସହିତ ବିଶ୍ୱସ୍ତରୀୟ ଜିମ୍

## ଭୁବନେଶ୍ୱରରେ 'ଷ୍ଟଲ୍ୱାର୍ଟ ଜାନାଡୁ' ଉଦ୍‌ଘାଟିତ



ଭୁବନେଶ୍ୱର,୧।୨(ସମିସ): ଚନ୍ଦ୍ରଶେଖରପୁର ଡିଷ୍ଟ୍ରିକ୍ଟ ସେଣ୍ଟରସ୍ଥିତ ଷ୍ଟାଲୱାର୍ଟ ଜିମ୍ର ଦ୍ୱିତୀୟ ଶାଖାର ପବିତ୍ର ଗଜ ଉଦ୍ଧାରଣ ଦିବସରେ ଶୁଭ ଉଦ୍‌ଘାଟନ ସମାରୋହ ରବିବାର ସଂଧ୍ୟାରେ ଅନୁଷ୍ଠିତ ହୋଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ଉତ୍ତର ଭୁବନେଶ୍ୱର ବିଧାୟକ ଶୁଶାନ୍ତ କୁମାର ରାଉତ, ବାଙ୍କୀର ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ଅଭିନେତ୍ରୀ ଭୂମିକା ଦାସ, ସୁରଭି ପ୍ରିୟଦର୍ଶିନୀ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଜିମ୍ ଫିଟ୍ନେସ୍ କ୍ଷେତ୍ରରେ ନୂତନ ମାନଦଣ୍ଡ ସ୍ଥାପନ କରିବାକୁ ସକ୍ଷମ ହେବ ବୋଲି ଅତିଥିମାନେ କହିଛନ୍ତି। ପ୍ରାୟ ୧୦,୦୦୦ ବର୍ଗଫୁଟ୍ ପରିମିତ ଏହି ଜିମ୍ରେ ଇଟାଲୀ, ଯୁକ୍ତରାଷ୍ଟ୍ର, ଜର୍ମାନୀ ଓ ଦକ୍ଷିଣ କୋରିଆର ପ୍ରସିଦ୍ଧ ବ୍ରାଣ୍ଡ ପାନାଟ୍ଟା, ହୋଇଷ୍ଟ, ସ୍ପୋର୍ଟସ୍ ଆର୍ଟ, ଥୋର୍, ଶୁଆ, ଅକ୍ସେନ୍ ଓ ଆକ୍ୟୁନିକ୍ ଦ୍ୱାରା ନିର୍ମିତ ଅଲିମ୍ପିକ୍ ଖେଳାଳିମାନଙ୍କ ବିଶ୍ୱସ୍ତରୀୟ ମନ ପସନ୍ଦର ଉପକରଣ ଉପଲବ୍ଧ। ଏଠାରେ ନିୟମିତ କାର୍ଡିଓ, ଷ୍ଟ୍ରେନ୍ଥ୍ ଟ୍ରେନିଂ ଓ କ୍ରସଫିଟ୍ ସହିତ ଫୁଲ୍ ବଡି କମ୍ପୋଜିସନ୍ ଆନାଲିସିସ୍, ଯୋଗ, ଜୁମ୍ବା ଓ ପିଲାଟିସ୍ ଭଳି ବିଭିନ୍ନ ସୁବିଧା ଅଛି। ଓଡ଼ିଶାର ପ୍ରଥମ ପିକଲ୍ ବଲ୍ ଖେଳ ସୁବିଧା ପ୍ରଦାନ କରୁଥିବା ଜିମ୍ ଭାବେ 'ଷ୍ଟାଲୱାର୍ଟ ଜାନାଡୁ' ଏକ ନୂଆ ପରିଚୟ ସୃଷ୍ଟି କରିବ ବୋଲି ଏହାର ମୁଖ୍ୟ ପୃଷ୍ଠପୋଷକ ପ୍ରୀତମ୍ ଚୌଧୁରୀ, ପ୍ରକାଶ ସିଂ ଓ ଶିଶିର ସିଂ ପ୍ରମୁଖ ଆଶାବ୍ୟକ୍ତ କରିଛନ୍ତି।

## ଲାଲ୍‌ଚନ୍ଦ୍‌ର ବିଗ୍ ବ୍ୟାଙ୍ଗ୍ ବାଙ୍ଗଲ୍ ଫେଷ୍ଟିଭାଲ୍

### ଗ୍ରାହକଙ୍କ ପାଇଁ ସର୍ବନିମ୍ନ ଗଢ଼ା ମଜୁରି ଓ ଡିଜାଇନର୍ ହାଲୁକା ଚୁଡ଼ିର ବିଶାଳ କଲେକ୍ସନ୍

ଭୁବନେଶ୍ୱର,୧।୨(ସମିସ): ଅଳଙ୍କାର ବ୍ରାଣ୍ଡ ଲାଲ୍‌ଚନ୍ଦ୍ ଜୁଏଲର୍ସ କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ଷ୍ଟୋର୍‌ରେ ନେଇ ଆସିଛି ବିଗ୍ ବ୍ୟାଙ୍ଗ୍ ବାଙ୍ଗଲ୍ ଫେଷ୍ଟିଭାଲ୍। ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଓଡ଼ିଶା ଇତିହାସରେ ସର୍ବନିମ୍ନ ଗଢ଼ା ମଜୁରୀ ସହ ଗ୍ରାହକଙ୍କ ପାଇଁ ସାରା ଭାରତରୁ ହାଲୁକା ଡିଜାଇନର୍ ମେସିନ୍ ନିର୍ମିତ ଏବଂ ହାତ ତିଆରି ଚୁଡ଼ିର ବିଶାଳ ସଂଗ୍ରହ ଉପଲବ୍ଧ ହେବ। ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ବିଆଇଏସ୍ ହଲ୍‌ମାର୍କ ସୁନା ଚୁଡ଼ି ପାଇଁ ଗଢ଼ା ମଜୁରୀ ୫.୯% ରହିଛି। ଏହି ଅଫର ସମସ୍ତ ଲାଲ୍‌ଚନ୍ଦ୍ ଷ୍ଟୋର୍‌ରେ ଉପଲବ୍ଧ। ବିଗ୍ ବ୍ୟାଙ୍ଗ୍ ବାଙ୍ଗଲ୍ ଫେଷ୍ଟିଭାଲ୍ କଟକ କ୍ୟାଣ୍ଟନ୍‌ମେଣ୍ଟ ରୋଡ୍ ଷ୍ଟୋର୍‌ରେ ଫେବୃୟାରୀ ୨ ରୁ ୮ ଯାଏଁ ଚାଲିବ। ଏହା ସହ ଗ୍ରାହକ 'ସୋନେ ପେ ସୁହାଗା' ଯୋଜନା ମାଧ୍ୟମରେ ମାସିକ କିସ୍ତି ଦେଇ ଶୂନ୍ୟ ଗଢ଼ା ମଜୁରୀରେ ପସନ୍ଦର ଅଳଙ୍କାର ମଧ୍ୟ କିଣିପାରିବେ। ତା' ସହିତ ପୁରୁଣା ଏଚ୍‌ୟୁଆଇଡି ସୁନା ଏକ୍ସଚେଞ୍ଜରେ ପାଇବେ ୧୦୦ ପ୍ରତିଶତ ସୁନା ମୂଲ୍ୟ। ସମ୍ପ୍ରତି ସୁନା ଦରରେ ଯେଉଁ ହ୍ରାସ ହୋଇଛି, ତାହା ସୁନା କିଣିବା ପାଇଁ ସୃଷ୍ଟି କରିଛି ଏକ ବଡ଼ ସୁଯୋଗ। ସାରା ବିଶ୍ୱର ବିଶ୍ଳେଷକମାନଙ୍କ ଅନୁସାରେ, ସୁନାର ଦୀର୍ଘମିଆଦୀ ଟ୍ରେଣ୍ଡ ଉପରମୁହାଁ ରହିଛି। ଦାମ୍ କମିବା ଆଶାରେ ଅପେକ୍ଷା କରି ରହିଲେ, ହୁଏତ ଶେଷରେ ଅଧିକ ଦାମ୍ ଦେବାକୁ ପଡ଼ିପାରେ। ଏପରି ସୁଯୋଗ ହାତଛଡ଼ା କରିବା ଉଚିତ ନୁହେଁ ବୋଲି କହିଛନ୍ତି ଲାଲ୍‌ଚନ୍ଦ୍ ଗ୍ରୁପ୍ ଅଧ୍ୟକ୍ଷ ଡ଼ଃ ସଂଜୟ ହଂସ।

LALCHND
Trusted Brand Since 1948

